ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୪ ଜୁନ୍, ୨୦୨୨



# ୭.୬୬ କୋଟି ଖର୍ଚ୍ଚ, ଗଛ ଉଭାନ

**ଯାଜପୁର ଅଫିସ,୩।୬**

ଶିଳ୍ପ ଓ ଖଣି ପ୍ରଦୂଷଣର ଭୟାବହତା ଏବେ ସୁକିନ୍ଦା ଏବଂ ଦାନଗଦି ବ୍ଲକ ଅଞ୍ଚଳକୁ କବଳିତ କରିଛି । କ୍ରୋମାଇଟ ଖଣି ଏବଂ ବିଭିନ୍ନ କାରଖାନା ଘେର ମଧ୍ୟରେ ରହି କାଳ କାଟୁଥିବା ଶତାଧିକ ଗାଁ ଲୋକେ ଚରମ ଦୁର୍ଦ୍ଦଶାରେ ରହିଛନ୍ତି । ଏହି ଉତ୍କଟ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାକୁ ଓଏଫ୍‌ଡିସି (ଓଡିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେଶନ) ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିରୁ ପ୍ରାୟ ୭.୬୬ କୋଟି ଟଙ୍କା ଖର୍ଚ୍ଚ କରିଛି। ଏଥିରେ ଖଣି, ଶିଳ୍ପାଞ୍ଚଳ ସୁକିନ୍ଦା ଏବଂ ଦାନଗଦି ବ୍ଲକର ବିଭିନ୍ନ ରାସ୍ତାପାର୍ଶ୍ୱରେ ୭୯,୦୦୦ ବୃକ୍ଷରୋପଣ ହୋଇଥିବା ସୂଚନା ମିଳିଛି। ହେଲେ ସେଥିରୁ ପ୍ରାୟ ଅଧିକାଂଶ ଗଛ ଏଯାଏ ଦେଖିବାକୁ ମିଳୁନାହିଁ। ଡିଏମ୍‌ଏଫ୍ ଏବଂ ଜଙ୍ଗଲ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଭିତିରି ବୁଝାମଣା କରି ଏହି ଆବଣ୍ଟିତ ଅର୍ଥର ସିଂହଭାଗ ଚଳୁ କରିଥିବାରୁ ପ୍ରଦୂଷଣ ନିୟନ୍ତ୍ରଣ ବହୁ ଦୂରରେ ବୋଲି ମତପ୍ରକାଶ ପାଇଛି।

ରତ୍ନଗର୍ଭା ସୁକିନ୍ଦାର ବିଭିନ୍ନ ଖଣିର ପ୍ରଦୂଷଣ ପ୍ରଭାବରେ ଗାଁର ପାଣି, ପବନ, ମୃତ୍ତିକା ସବୁ ବିଷ ପାଲଟିଛି । ସ୍ୱଚ୍ଛ ପାଣି ଟୋପାଏ ପାଇବା ଉପରୋକ୍ତ ଗାଁ ଲୋକଙ୍କ ପାଇଁ ସ୍ୱପ୍ନ। ବହୁବର୍ଷ ପୂର୍ବେ କଳରଙ୍ଗି, ଭୀମଟାଙ୍ଗର, କାଳିଆପାଣି, ଟିଙ୍ଗୁଡିପାଳ, କଅଁସ ଆଦି ଅଞ୍ଚଳରେ ଖୋଳା ଯାଇଥିବା ଖଣିଗୁଡ଼ିକର ପରିତ୍ୟକ୍ତ ଖାଲ ସ୍ଥାନରେ ବର୍ଷାପାଣି ଜମା ହୋଇ ଜଳାଶୟର ରୂପ ନେଇଛି । ଏଥିସହ ଖଣି ଓ ଶିଳ୍ପାଞ୍ଚଳରେ ବୋହି ଯାଇଥିବା ଡମଶାଳା ନାଳା ଓ



ସୁକିନ୍ଦା-ଅଶୋକଝର ରୋଡ୍ ବୃକ୍ଷଶୂନ୍ୟ ହୋଇଛି।

ଗଣ୍ଡାନାଳ ମଧ୍ୟ ଗ୍ରାମବାସୀଙ୍କ ବ୍ୟବହାର ପାଇଁ ଅନ୍ୟତମ ଜଳଉତ୍ସ । ପରିତ୍ୟକ୍ତ ଖାଲ ସ୍ଥାନଗୁଡ଼ିକରେ ଜମିଥିବା ପାଣିକୁ ଲୋକେ ସ୍ନାନ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରୁଛନ୍ତି । ଖଣିରୁ ନିର୍ଗତ କ୍ରୋମାଇଟ, ପୋଡ଼ା ପେଟ୍ରୋଲିୟମ ଆଦି ମିଶ୍ରିତ ଦୂଷିତ ଜଳ ସିଧାସଳଖ ଏହି ପାଣି ସହ ମିଶି ନାହିଁ ନ ଥିବା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି । ବିକଳ୍ପ ଅଭାବରୁ ଗ୍ରାମବାସୀ ଦୂଷିତ ଜଳର ବ୍ୟବହାର କରି ବିଭିନ୍ନ ଚର୍ମରୋଗର ଶିକାର ହେଉଛନ୍ତି । ଏଥିସହ ଭୂତଳ ଜଳ ବି ଜହର ହେଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ୨୦୧୮ ଅକ୍ଟୋବର ଓ ଏପ୍ରିଲରେ ଜିଲାର ଖଣି ଅଞ୍ଚଳ କାଳିଆପାଣି, ଟିସ୍କୋ, ସାରୁଆବିଲ ଓ କମର୍ଦ୍ଦା ନିକଟରୁ ସଂଗୃହୀତ ଭୂତଳ ଜଳରେ ଆଇରନ ଏବଂ ଟୋଟାଲ କୋଲିଫର୍ମ(ଟିସି) ଓ ଫେକାଲ କୋଲିଫର୍ମ(ଏଫ୍‌ସି) ଅଂଶ ଆବଶ୍ୟକତାଠାରୁ ବହୁ ଅଧିକ ରହିଥିବା ଜଣାପଡିଥିଲା। ଏଥିସହ କ୍ରୋମାଇଟ୍, ଲୁହାପଥର କୋଇଲା ଗୁଣ୍ଡ ଓ ମେଶିନ ଭାରିଯାନଗୁଡ଼ିକର ବହୁଳ ଚଳାଚଳ ଯୋଗୁ ନିର୍ଗତ ଧୂଳିଧୂଆଁ, ବିଷାକ୍ତ ଗ୍ୟାସର ପ୍ରଭାବରେ ବାୟୁ ପ୍ରଦୂଷଣ ଚରମ ସୀମାକୁ ଟପି ଯାଇଛି । ଖଣି ଖନନ ଯୋଗୁ ଗ୍ରାମ ଇଲାକାର ପରିବେଶ ପ୍ରଦୂଷଣ ସାଙ୍ଗକୁ ବାୟୁମଣ୍ଡଳର ତାପମାତ୍ରା ଯଥେଷ୍ଟ ବୃଦ୍ଧି ଘଟି ଲୋକଙ୍କ ପାଇଁ ଅସହ୍ୟ ହୋଇପଡୁଛି । ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ରିପୋର୍ଟ ଆଧାରରେ ଦେଶର ୧୦୬ ସହର ମଧ୍ୟରୁ ଓଡ଼ିଶାର ୭ ସହର ଅତି ପ୍ରଦୂଷଣ ତାଲିକାଭୁକ୍ତ ହୋଇଛି । ଏହି ତାଲିକାରେ ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ବି ରହିଛି। ଏହାବାଦ୍ ୨୦୨୦ ଜାନୁୟାରୀରେ ଗ୍ରୀନ୍‌ପିସ୍ ପକ୍ଷରୁ ହୋଇଥିବା ସର୍ଭେ ରିପୋର୍ଟ ଅନୁସାରେ ଦେଶର ୧୦୦ଟି ପ୍ରଦୂଷିତ ସହର ମଧ୍ୟରେ କଳିଙ୍ଗନଗର ୮୪ତମ ସ୍ଥାନରେ ରହିଥିଲା । ଏହାର ମୁକାବିଲା ଓ ପରିଚାଳନା କରିବାକୁ ସରକାରଙ୍କ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ, ଗ୍ରୀନ୍ ହାଉସ ନିରାକରଣ, କାର୍ବନ ଫୁଟପ୍ରିଣ୍ଟ ଭଳି ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି।

> ■ ଡିଏମ୍‌ଏଫ୍ ପାଣ୍ଠିରେ ଚଞ୍ଚକତା
> ■ ପ୍ରଦୂଷଣର ବିଷ ଢୋକୁଛନ୍ତି ଶିଳ୍ପ, ଖଣି ଅଞ୍ଚଳବାସୀ

ସୂଚନା ଅଧିକାର ଆଇନ(ଆରଟିଆଇ) ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୦-୨୧ ବର୍ଷରେ ଡିଏମ୍‌ଏଫ୍ ପାଣ୍ଠିରେ ଦାନଗଦିଠାରୁ ଟୋଲକାନି ୨୫ କି.ମି.ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ୨.୨୧୩୧ କୋଟି ଟଙ୍କାରେ ୨୦ ହଜାର ଗଛ, ସୁକିନ୍ଦା ବ୍ଲକ ସୁକିନ୍ଦାଠାରୁ ଅଶୋକଝର, ସୁକିନ୍ଦାଠାରୁ ହାତୀବାରି, ଆମ୍ବସାର ଛକଠାରୁ ଢେଙ୍କାନାଳ ଜିଲା ସୀମାନ୍ତ ଏବଂ ବଙ୍ଗଳୋ ଛକଠାରୁ ହାତୀବାରି ରାସ୍ତାରେ ୨.୭୬୬୪ କୋଟି ଟଙ୍କାରେ ୨୫ ହଜାର ଗଛ, ଯାଜପୁର ରୋଡ ଚୋର୍ଦ୍ଦାଠାରୁ ଡୁବୁରୀ ପର୍ଯ୍ୟନ୍ତ ନୂଆ ନିର୍ମାଣ ରାସ୍ତାରେ ୪୪.୨୬ ଲକ୍ଷ ଟଙ୍କାର ୪ ହଜାର ଗଛ, ଦାନଗଦି ତହସିଲ ଅନ୍ତର୍ଗତ ଗୋଡିଗୋଠ ଏବଂ ରମ୍ଭିଲୋ ମୌଜାରେ ୨.୨୩୯୨ କୋଟି ଟଙ୍କାର ୩୦ ହଜାର ବୃକ୍ଷରୋପଣ ହୋଇଛି। ହେଲେ ଉପରୋକ୍ତ ସ୍ଥାନରେ ହାତଗଣତି ଗଛ ଦେଖିବାକୁ ମିଳିଥିବାବେଳେ ଅଧିକାଂଶ ଅର୍ଥ ହରିଲୁଟ ହୋଇଥିବା ମତପ୍ରକାଶ ପାଇଛି।

ସୁକିନ୍ଦା ଖଣି ଅଞ୍ଚଳର ସାମାଜିକ କର୍ମୀ ଲମ୍ବୋଦର ମହନ୍ତ କୁହନ୍ତି, ପରିବେଶ ପ୍ରଦୂଷଣ ଯୋଗୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହାର ମୁକାବିଲା କରିବାକୁ ବୃକ୍ଷରୋପଣ ହେଉଥିଲେ ହେଁ ଆବଣ୍ଟିତ ଅର୍ଥକୁ ବିଭାଗୀୟ କର୍ତ୍ତୃପକ୍ଷ ମିଳିମିଶି ଆତ୍ମସାତ୍ କରିଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଗଲେ ସତ ଲୋକଲୋଚନକୁ ଆସିପାରିବ । ଏ ସଂକ୍ରାନ୍ତରେ ଯାଜପୁର ରୋଡ ଓଏଫ୍‌ଡିସିର ଡିଭିଜନାଲ ମ୍ୟାନେଜର ବିନୋଦ ବିହାରୀ ଜେନାଙ୍କୁ ପଚାରିବାରେ ସେ କହିଛନ୍ତି, ସୁକିନ୍ଦାଠାରୁ ଅଶୋକଝର ରାସ୍ତାପାର୍ଶ୍ୱରେ ବୃକ୍ଷରୋପଣ ତାଙ୍କ ବିଭାଗ ଅଧୀନରେ ହୋଇନାହିଁ। ଅନ୍ୟସବୁ ବୃକ୍ଷରୋପଣ ଠିକ୍ ଭାବେ ହୋଇଛି । ରକ୍ଷଣାବେକ୍ଷଣ ମଧ ଚାଲିଛି। କେବଳ ଚୋର୍ଦ୍ଦାଠାରୁ ଡୁବୁରୀ ପର୍ଯ୍ୟନ୍ତ ୪ ହଜାର ବଦଳରେ ୩୬୦୦ ଗଛ ଲାଗିଛି। ବାକି ଗଛ ଲଗାଇବାକୁ ପ୍ରତିଶ୍ରୁତି ଦିଆଯାଇଛି। ଗଛ ପିଛା ପ୍ରାୟ ୧୧୦୦/୧୨୦୦ ଟଙ୍କା ଖର୍ଚ୍ଚ ହେଉଛି। ତେଣୁ ଡିଏମ୍‌ଏଫ୍ ପାଣ୍ଠିର ବିନିଯୋଗରେ କୌଣସି ଅନିୟମିତତା ହୋଇନାହିଁ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୭ ବର୍ଷ ବାଳକଙ୍କ ମୃତ୍ୟୁ

**ଧର୍ମଶାଳା/ଜେନାପୁର, ୩।୬(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ତଥା ଜେନାପୁର ଥାନା ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମ ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ିଯାଇ ଜଣେ ୭ ବର୍ଷର ବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ସୁବାସ ଚନ୍ଦ୍ର ପାଲଙ୍କ ପୁଅ ଓମ୍‌ପ୍ରକାଶ(୭)। ଶୁକ୍ରବାର ଓମ୍‌ପ୍ରକାଶ ସ୍କୁଲ୍‌ରୁ ଫେରି ସାଙ୍ଗମାନଙ୍କ ସହିତ ଯାଇ ଗାଁ ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା ବଶତଃ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବାଲିସାହି ମେଡିକାଲ ଓ ପରେ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ନଂ.୧୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବଡ଼ଚଣା ଡାକ୍ତରଖାନାକୁ ପଠାଇଛି। ଓମ୍‌ପ୍ରକାଶଙ୍କ ମୃତ୍ୟୁରେ ଗ୍ରାମରେ ଶୋକରଛାୟା ଖେଳିଯାଇଛି।

### ଅଟୋ-ବାଇକ୍ ଧକ୍କା, ଜଣେ ମୃତ

**ଚଣ୍ଡିଖୋଲ, ୩।୬ (ଡି.ଏନ୍.ଏ.):** ବଡ଼ଚଣା ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ସୁଭଦ୍ରାପୁର ଛକ ନିକଟରେ ଶୁକ୍ରବାର ଏକ ଅଟୋ ଓ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସୂଚନାଥାଉକି, ଚଣ୍ଡିଖୋଲରୁ ଆରୁହା ଅଭିମୁଖେ ବାଇକ୍ ଯୋଗେ ଧର୍ମଶାଳା ଥାନା ଅନ୍ତର୍ଗତ ଆରୁହା ଗ୍ରାମର ସୁରେଶ ବାରିକ(୩୬) ଯାଉଥିବାବେଳେ କବାଟ ବନ୍ଧ ଅଞ୍ଚଳରୁ ଆସୁଥିବା ଏକ ଯାତ୍ରୀବାହୀ ଅଟୋ ସହ ତାଙ୍କର ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ସୁରେଶ ଗୁରୁତର ହୋଇଥିଲେ। ତାଙ୍କୁ ଲୋକେ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧାନମଣ୍ଡଳ ଫାଣ୍ଡି ଅଧିକାରୀ ଗୋପାଳ କୃଷ୍ଣ ଦାସ ଉଭୟ ଗାଡ଼ିକୁ ଜବତ କରିବା ସହ ନଂ.୧୭୪/୨୨ରେ ଏକ ମାମଲା ରୁଜୁ ତଦନ୍ତ ଚଳାଇଛନ୍ତି।

### ଟ୍ରାଫିକ୍ ଛକରେ ଦୁର୍ଘଟଣା, ୩ ଗୁରୁତର

**ଚଣ୍ଡିଖୋଲ,୩।୬(ଡି.ଏନ୍.ଏ.):** ଚଣ୍ଡିଖୋଲ ଟ୍ରାଫିକ୍ ଛକରେ ଏକ କାର୍ ଦୂରଗାମୀ ବସ୍ ପଛରେ ପିଟିବା ଯୋଗୁ କାର୍‌ରେ ଥିବା ୩ଜଣ ଗୁରୁତର ଆହତ ହୋଇଛନ୍ତି। ବସ୍‌ଟି ବାଲେଶ୍ୱରରୁ କଟକ ଅଭିମୁଖେ ଯାଉଥିବା ବେଳେ ହଠାତ୍ ବ୍ରେକ୍ ମାରି ଦେବାରୁ ମାରୁତି ୱାଗନର କାର(ଡବ୍ଲ୍ୟୁ-ବି-୨୪-ଟି-୮୬୫୮) ବସ୍ ପଛରେ ଧକ୍କା ଦେଇଥିଲା। ଫଳରେ କାରରେ ଥିବା କଲିକତା ଡୁମୁଡୁମା ଅଞ୍ଚଳର ଜୟନ୍ତ ବିଶ୍ୱାସ, ଅର୍ପିତ ବିଶ୍ୱାସ ଓ ଜ୍ୟୋତିତା ବିଶ୍ୱାସ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

### କ୍ରଶର ମ୍ୟାନେଜରଙ୍କୁ ଆକ୍ରମଣ ମାମଲାରେ ୩ ଗିରଫ

**ଧର୍ମଶାଳା,୩।୬(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍ ତଥା ଜେନାପୁର ଥାନା ଅନ୍ତର୍ଗତ ରାହାଡ଼ପୁରସ୍ଥିତ ଏକ କ୍ରଶର ମ୍ୟାନେଜରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ରମ୍ଭେଇ ଗ୍ରାମର ସଞ୍ଜୀବ ଜେନା, ଡୁରଙ୍ଗ ଗ୍ରାମର କଳ୍ପତରୁ ସ୍ୱାଇଁ ଓ କୋରେଇ ଥାନା ଅନ୍ତର୍ଗତ ତେନ୍ତୁଳିଖୁଣ୍ଟା ଗ୍ରାମର ରାଜେଶ କୁମାର ଜେନା। ସୂଚନା ମୁତାବକ, ରାହାଡ଼ପୁରସ୍ଥିତ ଅକ୍ଷୟ ପରିଡ଼ାଙ୍କ କ୍ରଶରରେ ଧର୍ମଶାଳା ଥାନା ଅଧୀନ ପାଖର ପଞ୍ଚାୟତ ସମିତିସଭ୍ୟା ମଳିକା ପରିଡ଼ାଙ୍କ ସ୍ୱାମୀ ସଂଗ୍ରାମ ପରିଡ଼ା ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ଗତ ୨୬ ତାରିଖରେ ସେ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କଟକ ମେଡିକାଲକୁ ପଠାଇଥିଲେ। ତେବେ ଦାଦାବଟି ଆଦାୟକୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଭିଆଇଥିବା ଜଣାପଡ଼ିଥିଲା। ଏନେଇ ଆହତ ସଂଗ୍ରାମଙ୍କ ଭାଇ ସରୋଜ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୧୪୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ସେମାନଙ୍କୁ ଗୁରୁବାର ରାତିରେ ଗିରଫ କରିଥିଲା। ଶୁକ୍ରବାର ଅଭିଯୁକ୍ତ ମାନଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# 'ସୁରକ୍ଷାକୁ ବ୍ରତ ଭାବେ ପାଳନ କରିବା ଆବଶ୍ୟକ'

**କାଳିଆପାଣି,୩।୬(ଡି.ଏନ.ଏ.)**

ସୁକିନ୍ଦା ଖଣି ଅଞ୍ଚଳର ଟିସ୍କୋସ୍ଥିତ ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ) କଲୋନୀ ପରିସରର କାଟେପୂର୍ତ୍ତି ଅଡିଟୋରିୟମ ଠାରେ ଶୁକ୍ରବାର ଧାତବ ଖଣି ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଖଣି ସୁରକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଜୋନ୍ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଞ୍ଚିସ୍ଥିତ ଖଣି ସୁରକ୍ଷା ନିର୍ଦ୍ଦେଶାଳୟର ଉପମହାନିର୍ଦ୍ଦେଶକ ଉଜ୍ୱଳ ତହ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଖଣି ସୁରକ୍ଷା ସପ୍ତାହର ଆବାହକ ତଥା ଟିଏସ୍‌ଏମ୍‌ଏଲ୍‌ର ମହାନ୍ତ୍ରପ୍ରବନ୍ଧକ ଇଂ. ସୁଶାନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ତହ ଟିଏସ୍‌ଏମଏଲ୍ ଖଣିରେ ମହିଳା କର୍ମଚାରୀଙ୍କୁ ନିଯୁକ୍ତି ଓ କାର୍ଯ୍ୟକ୍ରମରେ ଯୋଗଦାନକୁ ପ୍ରଶଂସା କରିଥିଲେ। ଖଣିରେ ସୁରକ୍ଷାକୁ ଏକ ବ୍ରତ ଭାବେ ପାଳନ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଖଣି ସୁରକ୍ଷା ନିର୍ଦ୍ଦେଶାଳୟର ଭୁବନେଶ୍ୱର ଜୋନ୍ ନିର୍ଦ୍ଦେଶକ କମିଟି




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ଅଧକ୍ଷ କ୍ରିଷ୍ଟେନ୍ଦୁ ମଣ୍ଡଳ ଯୋଗଦେଇ ସୁରକ୍ଷା ନିୟମ ମାନି ଖଣିଗୁଡ଼ିକରେ ଶୂନ୍ୟ ଦୁର୍ଘଟଣା କରିବାକୁ କହିଥିଲେ। ଟିଏସ୍‌ଏମ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଘରଠାରୁ ଖଣି ପର୍ଯ୍ୟନ୍ତ ସବୁ ସମୟରେ ସୁରକ୍ଷା ପ୍ରୟୋଜନ ବୋଲି ମହାଭାରତର ଅଭିମନ୍ୟୁଙ୍କ ଉଦାହରଣ ଦେଇ କହିଥିଲେ। ଖଣି ସୁରକ୍ଷା ଉପନିର୍ଦ୍ଦେଶକ ଆଇ. ସତ୍ୟନାରାୟଣ, ବିକାଶ ଗୋବିନ୍ଦ ରାଓ ମିଶ୍ର, ଉମେଶ ସାହୁ, ଅନିଲ ଟପ, ଖଣି ସୁରକ୍ଷା ସପ୍ତାହ କମିଟିର ସମ୍ପାଦକ ଏସ.ଏନ. ଝା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ସମାରୋହରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ୪୦ରୁ ଊର୍ଦ୍ଧ୍ୱ ଖଣି କର୍ତ୍ତୃପକ୍ଷ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ବିଭିନ୍ନ କମ୍ପାନୀର ସୁରକ୍ଷା ଉପରେ ଆଧାରିତ ଷ୍ଟଲ୍ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଖଣିରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କର୍ତ୍ତୃପକ୍ଷଙ୍କୁ ପୁରସ୍କୃତ କରାଯାଇଥିଲା। ଟିଏସ୍‌ଏମ୍‌ଏଲ୍‌ର ପ୍ରଶାସନିକ ବରିଷ୍ଠ ଅଧିକାରୀ ଗୌତମ ଚକ୍ରବର୍ତ୍ତୀ, ସଞ୍ଜୀବ ସାହୁ, ନିର୍ମାଣ ବିଭାଗ ମୁଖ୍ୟ ରାଜୀବ ଦୀକ୍ଷିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଓଡ଼ିଶାର ନାମୀଦାମୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

> ଧାତବ ଖଣି ସୁରକ୍ଷା ସପ୍ତାହ ଉଦ୍‌ଯାପିତ

### ଜୁନ୍ ମାସର ଜନଶୁଣାଣି କାର୍ଯ୍ୟସୂଚୀ ଜାରି

**ଯାଜପୁର ଟାଉନ,୩।୬(ଡି.ଏନ.ଏ.)**

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜୁନ୍‌ମାସର ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଜାରି କରାଯାଇଛି। ଜୁନ୍ ୬ ତାରିଖ ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଜନଶୁଣାଣି କରିବାକୁ ସ୍ଥିର କରାଯାଇଛି। ସେହିପରି ୧୩ ତାରିଖ ସୋମବାର ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟଠାରେ ସକାଳ ୮ରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଯୁଗ୍ମ ଜନଶୁଣାଣି ଚାଲୁ ରହିବ। ଜୁନ୍ ୨୦ ତାରିଖ ସୋମବାର କୋରେଇ ବ୍ଲକ କାର୍ଯ୍ୟାଳୟ ଏବଂ ୨୭ ତାରିଖ ସୋମବାର ଧର୍ମଶାଳା ବ୍ଲକ କାର୍ଯ୍ୟାଳୟଠାରେ ଦିବା ୧୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମିଳିତ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ବିଭାଗୀୟ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।

### ଛାତ୍ରୀଙ୍କ କୃତିତ୍ୱ ହାସଲ

**ଧର୍ମଶାଳା,୩।୬(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ନବମ ଶ୍ରେଣୀ ଛାତ୍ରୀ ଶୁଚିସ୍ମିତା ତରାଇ ୨୦୨୧/୨୨ ବର୍ଷର ଏନ୍‌ଆର୍‌ଟିଏସ୍ ପରୀକ୍ଷା ଓ ପଠାଣି ସମାନ୍ତ ଗଣିତ ମେଧାବୃତ୍ତିରେ କୃତିତ୍ୱ ହାସଲ କରିଛନ୍ତି। ଶୁଚିସ୍ମିତା ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ବାସିନ୍ଦା ତଥା ଯାଜପୁର ପୂର୍ବତନ ଏମ୍‌ପି ରୀତା ତରାଇ ଓ ଆଇନଜୀବୀ ସନ୍ତୋଷ କୁମାର ତରାଇଙ୍କ କନିଷ୍ଠା କନ୍ୟା। ସଫଳତା ପାଇଁ ଶୁଚିସ୍ମିତା ସ୍କୁଲ୍‌ର ଶିକ୍ଷୟିତ୍ରୀଶିକ୍ଷକ ଓ ପରିବାରବର୍ଗଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ



କୃତୀ ଛାତ୍ରୀ ଶୁଚିସ୍ମିତା ତରାଇ

ଏହି ଫଳାଫଳ ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳର ବହୁ ଶୁଭେଚ୍ଛୁ ଶୁଚିସ୍ମିତାଙ୍କୁ ବଧେଇ ଜଣାଇବା ସହିତ ତାଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଗଡ଼ିଲା ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ

**ଯାଜପୁର ଟାଉନ,୩।୬(ଡି.ଏନ.ଏ.)**

'ଶିଶୁ ଶ୍ରମ ମୁକ୍ତ ଯାଜପୁର ଜିଲା' ଆମର ସଂକଳ୍ପ । ଏହି ଲକ୍ଷ୍ୟ ନେଇ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ଏବଂ ଯାଜପୁର ଶ୍ରମ ବିଭାଗ ମିଳିତ ଆନୁକୂଲ୍ୟରେ 'ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ'ର ଶୁଭାରମ୍ଭ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ସଚେତନତା ରଥର ପରିକ୍ରମା ଆରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ପତାକା ଦେଖାଇ ଏହି ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଏହି ରଥ ଯାଜପୁର ସହରାଞ୍ଚଳ ପରିକ୍ରମା କରି ଶିଶୁଙ୍କୁ ଶ୍ରମିକ ଭାବେ କାମରେ ନିୟୋଜିତ କରାଉଥିବା ବ୍ୟକ୍ତି ବିଶେଷଙ୍କୁ ସାବଧାନ କରାଇବା ସହ ଜନସାଧାରଣଙ୍କ ନିକଟରେ ସଚେତନତାର ବାର୍ତ୍ତା ପହଞ୍ଚାଇବ ବୋଲି ଅତିରିକ୍ତ ଜିଲାପାଳ ମଲ୍ଲିକ ମତବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ ଶିଶୁ ଶ୍ରମିକ ନିରୋଧ ପାଇଁ ଏକ ସଚେତନତା ରାଲି କରାଯାଇଥିଲା।

ଏଥିରେ ଜିଲା ଟ୍ରେଡ୍ ୟୁନିୟନର ସଦସ୍ୟ, ଚାଇଲଡ୍ ଲାଇନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଏବଂ ଜନସାଧାରଣ ଯୋଗଦେଇ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷା ରୀତାଞ୍ଜଳି ବେହେରା, ସହକାରୀ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଗ୍ରାମୀଣ ଶ୍ରମ ନିରୀକ୍ଷକ ସଞ୍ଜିତ୍ କୁମାର ଦେଓ, ଶିଶୁ ମଙ୍ଗଳ କମିଟିର ବରିଷ୍ଠ ସଦସ୍ୟ ଡ. ରୁଦ୍ର ନାରାୟଣ ପୃଷ୍ଟି ଏବଂ ଚାଇଲଡ୍ ଲାଇନର ସଦସ୍ୟମାନେ ଯୋଗ ଦେଇଥିଲେ। ଶନିବାର ଏହି ସଚେତନତା ରଥ ଓ ରାଲି କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ବ୍ୟାସନଗର ସହରାଞ୍ଚଳ ପରିକ୍ରମା କରିବ ବୋଲି ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ପ୍ରକାଶ କରିଛନ୍ତି।




ଅତିଥି ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରୁଛନ୍ତି।

# ମଣ୍ଡି ଘେରିଲେ ଟୋକନରୁ ବଞ୍ଚିତ ଚାଷୀ



ନିଜାମପୁର ସମବାୟ ସମିତି ଆଗରେ ଚାଷୀ ଆନ୍ଦୋଳନ କରୁଛନ୍ତି।

**ଦଶରଥପୁର,୩।୬(ଡି.ଏନ୍.ଏ.)**

ମଣ୍ଡିରେ ଧାନ ବିକ୍ରି ଲାଗି ଆବେଦନ କରିଥିଲେ ମଧ ଶତାଧିକ ଚାଷୀ ଟୋକନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେଣୁ ସେମାନେ ଶୁକ୍ରବାର ମଣ୍ଡି ଘେରାଉ କରିବା ସହ ତୁରନ୍ତ ଟୋକନ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି କଟକ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ଅଧୀନରେ ଥିବା ଦଶରଥପୁର ବ୍ଲକ୍ ସମବାୟ ବ୍ୟାଙ୍କର ନିଜାମପୁର ପ୍ରାଥମିକ କୃଷି ସମବାୟ ସମିତିରେ। ଏଠାରେ ଚଳିତ ରବି ଋତୁରେ ଧାନ ବିକ୍ରି କରିବା ଲାଗି ୮୩୭ ଜଣ ଚାଷୀ ଆବେଦନ କରିଥିଲେ। ଏଥିମଧ୍ୟରୁ ୫୩୨ ଜଣ ଚାଷୀଙ୍କ ତାଲିକା ଉକ୍ତ ମଣ୍ଡିକୁ ଆସିଥିବାବେଳେ ଏକ ଏସ୍‌ଏଚ୍‌ଜି ମାଧ୍ୟମରେ ୧୬୭ ଜଣ ଚାଷୀଙ୍କ ଧାନ ବିକ୍ରି ପାଇଁ ନିର୍ଦ୍ଦେଶ ଆସିଛି। ବାକି ୧୪୨ ଜଣ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବାନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ବଞ୍ଚିତ ଚାଷୀଙ୍କୁ ତୁରନ୍ତ ତାଲିକାଭୁକ୍ତ କରାଯିବା ଦାବିରେ ସେମାନେ ମଣ୍ଡି ଘେରାଉ କରିବା ସହ ଯାଜପୁର ଜିଲାପାଳଙ୍କୁ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଟୋକନ ପାଇବାରୁ ବଞ୍ଚିତ ଚାଷୀଙ୍କ ସମ୍ପର୍କରେ ନିଜାମପୁର ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ସଂଗ୍ରାମ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଆମ୍ଭେ ୮୩୭ ଚାଷୀଙ୍କ ତାଲିକା ବିଭାଗକୁ ପଠାଇଥିଲୁ। ମାତ୍ର ଆମ ପାଖକୁ ୫୩୨ ଜଣଙ୍କ ତାଲିକା ଓ ଏକ ଏସ୍‌ଏଚ୍‌ଜି ଗ୍ରୁପକୁ ୧୬୭ ଜଣଙ୍କ ତାଲିକା ଆସିଛି। ତେବେ ଆର୍‌ଆଇ ସର୍ଭେ ହେଉ କିମ୍ବା ସାଟେଲାଇଟ୍ ସର୍ଭେ କରାଯାଇ ୧୪୨ ଜଣଙ୍କୁ ବାଦ୍ ଦିଆଯାଇଛି। ତେଣୁ ଉକ୍ତ ଚାଷୀଙ୍କୁ ତାଲିକାଭୁକ୍ତ କରିବା ଲାଗି ସେମାନଙ୍କ କୋଡ୍ ଓ ନାମ ଦେଇ ମୁଁ ପୁଣିଥରେ ଏଆର୍‌ସିଏସ୍ ଅଫିସ ପଠାଇ ଦେଇଛି। ମାତ୍ର ଚାଷୀ ଏହା ନ ବୁଝି ଆମକୁ ଗାଳିଗୁଲଜ କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନିଜାମପୁର ମଣ୍ଡିକୁ ୧୧ ହଜାର କୁଇଣ୍ଟାଲ୍ ଧାନ କିଣିବାକୁ ଟାର୍ଗେଟ ଦିଆଯାଇଥିବାବେଳେ ୫୩୨ ଟୋକନ୍ ପାଇଥିବା ଚାଷୀ ୧୭,୩୩୨ କୁଇଣ୍ଟାଲ୍ ଧାନ ଦେଇପାରିବେ ବୋଲି ଚିଠି ହୋଇଛି। ମଣ୍ଡି ସମ୍ପାଦକ ୧୧ ହଜାର କୁଇଣ୍ଟାଲ୍ ଧାନ କ୍ରୟ କରାଯିବା କଥା ଚାଷୀଙ୍କୁ କହୁଥିବାବେଳେ ଚିଠିରେ ୧୭,୩୩୨ କୁଇଣ୍ଟାଲ୍ ଧାନ କ୍ରୟ ଉଲ୍ଲେଖ ଥିବାରୁ ସମ୍ପାଦକ ଅଡୁଆରେ ପଡ଼ିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୪ ଜୁନ୍, ୨୦୨୨



## ସଂକ୍ଷେପରେ

### ଜଣେ ମୃତ, ସାଙ୍ଗ ଗୁରୁତର

#### ଯାତ୍ରା ଦେଖି ଫେରୁଥିବା ବେଳେ ଦୁର୍ଘଟଣା



ଡେରାବିଶ, ୩।୬ (ସ୍ୱ.ପ୍ର.): ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର କମଳାକାନ୍ତ ପ୍ରତାପ(୩୦)ଙ୍କ ଗୁରୁବାର ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। କମଳାକାନ୍ତ ସାଙ୍ଗ ମିକୁନ୍‌ଙ୍କ ସହିତ ନିକଟସ୍ଥ ରଜାଙ୍ଗ ଗ୍ରାମରେ ହେଉଥିବା ଯାତ୍ରା ଦେଖିବାକୁ ଯାଇଥିଲେ। ରାତିରେ ଉଭୟ ଘରକୁ ଫେରୁଥିବା ସମୟରେ ଗ୍ରାମ ନିକଟସ୍ଥ ରାସ୍ତା କଡ଼ରେ ଥିବା ଏକ ଟ୍ରକ ସହ ତାଙ୍କ ବାଇକ୍‌ର ଧକ୍କା ହୋଇଥିଲା। ବିଳମ୍ବିତ ରାତି ହେତୁ ଉଭୟ ଘଟଣାସ୍ଥଳରେ ଦୀର୍ଘ ସମୟ ଧରି ପଡ଼ି ରହିଥିଲେ। ଅତ୍ୟଧିକ ରକ୍ତସ୍ରାବ ହେତୁ ସେମାନେ ଗୁରୁତର ହୋଇପଡ଼ିଥିଲେ। ସକାଳେ ସ୍ଥାନୀୟ ଲୋକେ ଉଭୟଙ୍କୁ ଦେଖି ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଉଭୟଙ୍କୁ ଅଗ୍ନିଶମ କର୍ମଚାରୀମାନେ ନିଶ୍ଚିନ୍ତକୋଇଲି ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର କମଳାକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ମିକୁନ୍‌ଙ୍କୁ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। କମଳାକାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। କମଳାକାନ୍ତ ଦିଲ୍ଲୀର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗତ କିଛିଦିନ ତଳେ ସେ ଛୁଟିରେ ଘରକୁ ଆସିଥିଲେ।

### ବିଦ୍ୟୁତ୍ ତାର ଲାଗି ୨ ଗାଈ ମୃତ



ପଟ୍ଟାମୁଣ୍ଡାଇ,୩।୬(ସ୍ୱ.ପ୍ର.): ବିଦ୍ୟୁତ୍ ବିଭାଗର ଅପରିଣାମଦର୍ଶିତା ପାଇଁ ୨ ଗାଈର ଜୀବନ ଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବଲୁରିଆ ପଞ୍ଚାୟତରେ ଏଭଳି ଘଟଣା ଘଟିଛି। ଅଣରା ଉଷାଦେବୀ ମହିଳା ମହାବିଦ୍ୟାଳୟ ଅନତି ଦୂର କଲରାପାଳରେ ଛିଣ୍ଡି ପଡିଥିବା ବିଦ୍ୟୁତ ତାର ଲାଗି ୨ ଗାଈଙ୍କ ମୃତ୍ୟୁ ଘଟିଛି। ବଲୁରିଆ ପଞ୍ଚାୟତ ମହଲକଣ ଗ୍ରାମର ମନୋହର ରାଉତଙ୍କ ଏହି ୨ ଗାଈ ଦିନ ପ୍ରାୟ ୨ଟା ସମୟରେ କଲରାପାଳଠାରେ ଚରୁଥିବାବେଳେ ସେଠାରେ ବିଦ୍ୟୁତ ଖୁଣ୍ଟରୁ ଛିଣ୍ଡି ପଡିଥିବା ତାରରେ ଛନ୍ଦି ହୋଇଯାଇଥିଲେ। ଘଟଣାସ୍ଥଳରେ ଉଭୟ ଗାଈଙ୍କ ମୃତ୍ୟୁ ଘଟିଥିଲା। ବିଦ୍ୟୁତ ତାର ଛିଣ୍ଡିପଡିଥିବା ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ ଅବଗତ ଥାଇ ମଧ ସଂଯୋଗ କାଟି ନ ଥିଲେ କିମ୍ବା ତଳେ ପଡିଥିବା ତାରକୁ ଉଠାଇ ନ ଥିଲେ। ଫଳରେ ଏଭଳି ଦୂର୍ଘଟଣା ଘଟିଲା ବୋଲି ଅଭିଯୋଗ ହୋଇଛି। ଗାଈ ମାଲିକଙ୍କୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

# ୨୫ କୋଟି ବ୍ୟୟ, ଚାଷୀଙ୍କ କାମରେ ଲାଗୁନି

## ଦେଉଳତରାର ବୃହତ୍ ଉଠା ଜଳସେଚନ ପ୍ରକଳ୍ପ

- ସାଧାରଣ ନିର୍ବାଚନ ପୂର୍ବରୁ ହୋଇଥିଲା ଉଦ୍‌ଘାଟନ
- ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ୭ ପଞ୍ଚାୟତବାସୀଙ୍କ ଦାବି

କେନ୍ଦ୍ରାପଡ଼ା ଅଫିସ, ୩।୬

କେନ୍ଦ୍ରାପଡ଼ା ଜିଲାର ରାଜକନିକା ବ୍ଲକ ଅଞ୍ଚଳରେ କେନାଲ ଜଳସେଚନ ସୁବିଧା ନାହିଁ। ଉଠା ଜଳସେଚନ ଅଥବା ବର୍ଷାକୁ ଚାଷୀମାନେ ଭରଷା କରିଥାନ୍ତି। ତେବେ ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିବା ଏକ ବୃହତ୍ ଜଳସେଚନ ପ୍ରକଳ୍ପ ଅଦ୍ୟାବଧି ଚାଷୀଙ୍କ କାର୍ଯ୍ୟରେ ନ ଲାଗିବା ଘଟଣା ଏବେ ଚାଷୀଙ୍କ ପାଇଁ ଦୁଃଖର କାରଣ ସାଜିଛି। ଉକ୍ତ ବ୍ଲକର ଦେଉଳତରା ଠାରେ ୭ ପଞ୍ଚାୟତର ପ୍ରାୟ ୧୨୦୦ ଏକର ଜମିକୁ ଜଳସେଚନ ପାଇଁ ୨୫ କୋଟି ଟଙ୍କା ବ୍ୟୟରେ ହୋଇଥିବା ଏହି ପ୍ରକଳ୍ପ ପ୍ରାୟତଃ ଅକାମୀ ହୋଇପଡିଛି। ଏପରି କି ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ ପାଇଁ ବାରମ୍ବାର ସ୍ଥାନୀୟ ବିଧାୟକ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସୁଫଳ ମିଳୁ ନ ଥିବା ଲୋକ ପ୍ରତିନିଧି ଓ ଚାଷୀମାନେ ପ୍ରକାଶ କରିଛନ୍ତି।

ଦେଉଳତରାର ଚାଷୀ ସୁବାସ ଚନ୍ଦ୍ର ପାଣ୍ଡବ, ଅଭିମନ୍ୟୁ ବାରିକ, ମାନଗୋବିନ୍ଦ ପଣ୍ଡା, ବିଷ୍ଣୁଚରଣ ବାରିକ, ବିଜୟ ନାୟକ ପ୍ରମୁଖ କହିଛନ୍ତି, ଦେଉଳତରାର ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ନିର୍ବାଚନ ପୂର୍ବରୁ ୨୦୧୯ ମାର୍ଚ୍ଚରେ ଉଦ୍‌ଘାଟନ କରିଥିଲେ। ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଏହି ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିଲା। ଉଦ୍‌ଘାଟନର ପ୍ରାୟ ବର୍ଷେ ପରେ ଜଳସମ୍ପଦ ବିଭାଗ ପକ୍ଷରୁ ଉକ୍ତ ପ୍ରକଳ୍ପର ନିର୍ମାଣ ଶେଷ ହୋଇଛି। ପ୍ରକଳ୍ପ ଅଧୀନରେ ଦେଉଳତରା ସମେତ ମୁରାଦପୁର, ଉଜାଙ୍ଗ, ସିହୋପଡା, ନମତରା, ପାରିନୂଆପଡା-ହାବଳଗଣ୍ଡ ଓ ନମତରା ପଞ୍ଚାୟତର ପ୍ରାୟ ୧୨୦୦ ଏକର ଜମିକୁ ଜଳସେଚନ ହେବ ବୋଲି ସୂଚନା ଦିଆଯାଇଥିଲା। ଖରସ୍ରୋତା ନଦୀରୁ ପାଣି ଉଠାଇ କ୍ଷେତକୁ ପାଣି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ହେଉ ନ ଥିବାରୁ ପ୍ରାୟ ୧୦ ହଜାର ଚାଷୀ ଏବେ ବର୍ଷାକୁ ଭରଷା କରିଛନ୍ତି। ଋଣ କରି ଚାଷୀମାନେ ଚାଷ କରୁଛନ୍ତି। ହେଲେ ଗଜା ମରୁଡ଼ି ହେଲେ ଋଣ ସୁଝିବା କଷ୍ଟକର ହେଉଛି। ଏନେଇ ଜିଲାପାଳ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ସୁଫଳ



ଦେଉଳତରା ଉଠା ଜଳସେଚନ ପ୍ରକଳ୍ପ।

ମିଳିନାହିଁ। ପ୍ରକଳ୍ପର ତ୍ରୁଟିକୁ ସୁଧାରି ତୁରନ୍ତ ଜଳ ଯୋଗାଣ କରିବାକୁ ସେମାନେ ଦାବି କରିଛନ୍ତି। ଏନେଇ କୃଷକନେତା ଗୟାଧର ଧଳ, ସାମାଜିକ କର୍ମୀ ପ୍ରତାପ ପାଢ଼ୀ କୁହନ୍ତି, ନିର୍ବାଚନ ସମୟରେ ରାଜନେତାମାନେ ସାଧାରଣ ଜନତାଙ୍କୁ ପ୍ରତିଶ୍ରୁତି ଦେବା ଓ ଏହାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲା ସବୁବେଳେ ପଛରେ ପଡିଛି। ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ପ୍ରତି ବ୍ଲକ ଅଞ୍ଚଳର କ୍ଷେତକୁ ଅନୁନ୍ୟ ୩୫ ପ୍ରତିଶତ ଜଳସେଚନ ବ୍ୟବସ୍ଥା ରହିବ। ତେବେ କେନ୍ଦ୍ରାପଡ଼ା ଜିଲାରେ ଏହା ସମ୍ଭବ ହେଉନାହିଁ। ଜିଲାର ଆଳି ଓ ରାଜନଗର ବ୍ଲକ ଅଞ୍ଚଳରେ ଆଦୌ କେନାଲ ନାହିଁ। ଉଠାଜଳସେଚନ ଏଠାରେ ଚାଷୀଙ୍କ ପାଇଁ ଭରସା ପାଲଟିବା କଥା। ତେବେ ଏହି ଦୁଇ ବ୍ଲକ ଅଞ୍ଚଳରେ ଥିବା ୬୨୯ଟି ଉଠା ଜଳସେଚନ ପ୍ରକଳ୍ପ ମଧ୍ୟରୁ ଅଧାରୁ ଅଧିକ ଅଚଳ ହୋଇଗଲାଣି। ଏପରିକି ଉଦ୍‌ଘାଟିତ ପ୍ରକଳ୍ପ କାର୍ଯ୍ୟକାରୀ ନ ହେବା ପ୍ରଶାସକ ଓ ରାଜନେତାଙ୍କ ଏଥିପ୍ରତି ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକଳ୍ପକୁ ନେଇ ଚାଷୀ ଅସନ୍ତୋଷ ବଢୁଛି। ୨୦୨୦ରେ ଏହାର ଟ୍ରାଏଲ ରନ ହୋଇଥିଲେ ମଧ୍ୟ ଏହାର ତ୍ରୁଟିକୁ ସୁଧାର ଯାଇନି। ଏନେଇ ବହୁବାର ଜିଲାପାଳ ଓ ବିଧାୟକଙ୍କ ଦୃଷ୍ଟିକୁ ଅଣାଯାଇଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ଏଡିଏମ୍ ପିତାମ୍ବର ସାମଲ କହିଛନ୍ତି, ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ କେଉଁ ଅସୁବିଧା ରହିଛି, ତାହାର ତନଖି ସହ ସୁଧାର କରାଯିବ।

### ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ



ଡେରାବିଶ, ୩।୬(ସ୍ୱ.ପ୍ର.)

ଡେରାବିଶ ଥାନା ଅଧୀନ ପଞ୍ଚପାଣ୍ଡବଠାରେ କିଛିଦିନ ହେଲା ବୁଲୁଥିବା ଜଣେ ବ୍ୟକ୍ତିଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସମ୍ପୃକ୍ତ ବ୍ୟକ୍ତି ବଜାରରେ ବୁଲାବୁଲି କରିବା ସହ ଦୋକାନୀଙ୍କଠାରୁ ମାଗିଯାଚି ଖାଉଥିଲେ। ଖରାବେଳେ ଛକରେ ବସିଥିବା ବେଳେ ହଠାତ୍ ଟଳିପଡ଼ିଥିଲେ। ସ୍ଥାନୀୟ ଯୁବକମାନେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହି ଥାନାକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଏକ ମାମଲା (ନଂ.୫/୨୨) ରୁଜୁ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ। ତାଙ୍କ ବୟସ ୫୦ ବର୍ଷ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ମୁହଁରେ ଦାଢ଼ି ରହିଛି। ବେଶଭୂଷାରୁ ସେ ଜଣେ ମାନସିକ ବିକୃତ ବୋଲି ଅନୁମାନ କରାଯାଉଛି। ପରିବାର ବର୍ଗ ମୃତଦେହ ଚିହ୍ନଟ ପାଇଁ ତିନିଦିନ ରଖାଯିବ ବୋଲି ଡେରାବିଶ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ପ୍ରକାଶ କହିଛନ୍ତି।

## ସପ୍ତମ ବେତନ କମିଶନ ମୋଡାଲିଟିକୁ ପ୍ରତ୍ୟାଖାନ

କେନ୍ଦ୍ରାପଡ଼ା ଅଫିସ,୩।୬

କେନ୍ଦ୍ରାପଡ଼ା ଜିଲା କର୍ମଚାରୀ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ୪୪୮ ଓ ୬୬୨ କଲେଜ କର୍ମଚାରୀଙ୍କ ସପ୍ତମ ବେତନ କମିଶନ ମୋଡାଲିଟିକୁ ପ୍ରତ୍ୟାଖାନ କରାଯାଇଛି। ତରୁଣ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ଏପରି ନିଷ୍ପତ୍ତି ନିଆଯାଇଛି। ଜିଲା ସଂଘ ସଭାପତି ସୁରେନ୍ଦ୍ର କୁମାର ପ୍ରତିହାରୀ ଏସମ୍ପର୍କରେ କହିଛନ୍ତି, ରାଜ୍ୟ ସରକାର ଏହି ମୋଡାଲିଟିକୁ ଆଉଥରେ ବିଚାର କରି ୨.୫୭ ହାରରେ ୨୦୨୨ ଜାନୁଆରୀ ଠାରୁ ବେତନ ବ୍ୟବସ୍ଥା କରନ୍ତୁ। ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ଗଣ ଶିକ୍ଷାମନ୍ତ୍ରୀ, ଶିକ୍ଷା ବିଭାଗ ସଚିବଙ୍କୁ ଅବଗତ କରାଯାଇଛି। ଏନେଇ କୌଣସି ଫଇସଲା ନ ହେଲେ ଜିଲାର ସମସ୍ତ ଡେମୋନେଷ୍ଟ୍ରର, ଲାଇବ୍ରେରିଆନ, ପିଇଟି, କିରାଣୀ, ଆଟେଡାଣ୍ଟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବେ। ଏହି ବୈଠକରେ ସମ୍ପାଦକ ଭାଗବତ ପ୍ରସାଦ ମୁଦୁଲି, କୋଷାଧ୍ୟକ୍ଷ ରଞ୍ଜନ କୁମାର ପଟ୍ଟନାୟକ, ଜ୍ୟୋତିର୍ମୟ ଦାସ, ବିସ୍ମୟ କୁମାର ମହାନ୍ତି, ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



କେନ୍ଦ୍ରାପଡ଼ା ଜିଲା କର୍ମଚାରୀ ସଂଘ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

### ୨୩ଦିନ ପରେ ଧାରଣାରୁ ଓହରିଲେ ଛାତ୍ରୀଛାତ୍ର

ଚଣ୍ଡିଖୋଲ, ୩।୬(ଡି.ଏନ୍.ଏ.)

ବଡ଼ଚଣା ଶିକ୍ଷାମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଶାଳପଡା ପଞ୍ଚାୟତ ଝଟିଆପଡା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଦୀର୍ଘ ୨୩ ଦିନ ପରେ ଶୁକ୍ରବାର ଧାରଣାରୁ ଉଠିଛନ୍ତି। ଏହି ବିଦ୍ୟାଳୟକୁ ବନ୍ଦ ନ କରିବା ଦାବିରେ ସେମାନେ ମେ' ୧୦ତାରିଖରୁ ଧାରଣା ଦେଇଥିଲେ। ଶୁକ୍ରବାର ବ୍ଲକ ଶିକ୍ଷା ଅଧିକାରୀ ହରିହର ଦଳାଇ ବଡ଼ଚଣା ଥାନାରେ ଏତଲା ଦେଇଥିଲେ। ବଡ଼ଚଣା ଥାନା ଅଧିକାରୀ ସୁଶୀଲ କୁମାର ନାୟକ ଏ ପ୍ରସଙ୍ଗରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରି ଓ ଦର୍ପଣ ତହସିଲଦାର ପ୍ରଦୀପ୍ତ କୁମାର ସେଠୀଙ୍କୁ ଜଣାଇଥିଲେ। ବିଡିଓ ଗିରି ଓ ତହସିଲଦାର ସେଠୀ ଧାରଣାକାରୀଙ୍କ ନିକଟରେ ପହଞ୍ଚି ବୁଝାଶୁଝା କରିଥିଲେ। ସେମାନେ କହିଥିଲେ, ସରକାରଙ୍କ ନିୟମ ଅନୁଯାୟୀ ବ୍ଲକସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟି ବନ୍ଦ ହୋଇଥିବା ସ୍କୁଲ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବ। ସେଥିପାଇଁ ବ୍ୟସ୍ତ ହେବାର କିଛିନାହିଁ। ଏଥିସହ ପିଲାମାନଙ୍କୁ ଖରା ନ ବସି ଘରକୁ ଫେରିଯିବାକୁ ବୁଝାଇବା ପରେ ଛାତ୍ରଛାତ୍ରମାନେ ଧାରଣାରୁ ଉଠିଥିଲେ। ସୂଚନାଯୋଗ୍ୟ, ସରକାରୀ ନିୟମ ଅନୁଯାୟୀ ୩୦ରୁ କମ୍ ପିଲା ଥିବା ବିଦ୍ୟାଳୟକୁ ବନ୍ଦ କରି ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଯିବ। ଏହି ଅନୁଯାୟୀ, ଝଟିଆପଡ଼ା ବିଦ୍ୟାଳୟ ବନ୍ଦ ହୋଇଯାଇଥିଲା। ଏହାକୁ ପ୍ରତିବାଦ କରି ଧାରଣାରେ ଦିଆଯାଇଥିଲା।

## ଦିବ୍ୟାଙ୍ଗ ସହାୟକ ଚିହ୍ନଟ ଶିବିର ଅନୁଷ୍ଠିତ



ଦିବ୍ୟାଙ୍ଗ ଚିହ୍ନଟ ଶିବିରକୁ ଆସିଥିବା ବ୍ୟକ୍ତିମାନେ।

ମହାକାଳପଡ଼ା,୩।୬(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ କିୟାରବାଙ୍କ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ପ୍ରଶାସନ ( ସାମାଜିକ ସୁରକ୍ଷା ବିଭାଗ ) ପକ୍ଷରୁ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କୁ ମାଗଣାରେ ସହାୟକ ଉପକରଣ ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବିଡ଼ିଓ ଦେବାଶିଷ ରାଉତ ଓ ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୩୬୩ ଜଣ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ଯୋଗଦେଇ ନିଜ ନାମ ପଞ୍ଜୀକରଣ କରିଥିଲେ। ଶିବିରରେ ଶାରୀରିକ, ଶ୍ରବଣ ଓ ଚକ୍ଷୁ ବିଭାଗର ଡାକ୍ତରମାନେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଚିହ୍ନଟ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ , ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ମହାକାଳପଡ଼ା ସରପଞ୍ଚ ରତିକାନ୍ତ ପଣ୍ଡା , ସାମାଜିକ କର୍ମୀ ସରୋଜ କୁମାର ରାଉତଙ୍କ ସମେତ ସାମାଜିକ କର୍ମୀମାନେ ଯୋଗ ଦେଇ ସହାୟତା କରିଥିଲେ।

## ତନ୍ତିଘାଇ ଗଣ୍ଡରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

ଯାଜପୁର ସଦର,୩।୬(ଡି.ଏନ.ଏ.)

ଯାଜପୁର ବ୍ଲକ ମହମ୍ମଦ ଜମାପୁର ଗ୍ରାମର ଅଜୟ ରାଉତଙ୍କ ପୁଅ ଅବିନାଶ(୧୫)ଙ୍କ ଶୁକ୍ରବାର ପୂର୍ବାହ୍ନରେ ଖରସ୍ରୋତା ନଦୀର ଶାଖା ତନ୍ତିଘାଇ ଗଣ୍ଡରେ ବୁଡି ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ଯେ, ଅବିନାଶ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ତାଙ୍କ ଗୋଡ ଖସି ଯାଇଥିଲା। ସେ ବୁଡି ଯାଉଥିବା ଦେଖି ଆଖପାଖ ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଯାଜପୁର ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ କରାଯାଉଛି।

### ୨ ପରିବାରର ୫ ବଖରା ଜଳିଗଲା

କଳିଙ୍ଗନଗର,୩।୬(ଡି.ଏନ.ଏ.):

ଜଖପୁରା ଗ୍ରାମରେ ଶୁକ୍ରବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ରଙ୍କନିଧି ବିଶ୍ୱାଳଙ୍କ ଦୁଇ ପୁଅ ସୁଦାମ ବିଶ୍ୱାଳ ଓ ସୁକାନ୍ତ ବିଶ୍ୱାଳଙ୍କ ୫ ବଖରା ଚାଳଛପର ଜଳି ପାଉଁଶ ହୋଇଯାଇଛି। ଖବର ପାଇ ଦାନଗଦିର ଗୋଟିଏ ଦମକଳ, ଭିସାଷ୍ଟିଲ୍‌ର ଦୁଇଟି ଓ ଜିନ୍ଦଲ କାରଖାନାର ଦୁଇଟି ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ରୋଷେଇ ଘରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟିଯିବାରୁ ଏଭଳି ଦୁର୍ଘଟଣା ଘଟିଥିବା କ୍ଷତିଗ୍ରସ୍ତ ପରିବାର ଲୋକେ କହିଛନ୍ତି। ଘର ଭିତରେ ଥିବା ଧାନ, ଚାଉଳ, ଆସବାବପତ୍ର ସହ ନଗଦ ୯୭ ହଜାର ଟଙ୍କା ନିଆଁରେ ଜଳି ପୋଡ଼ି ପାଉଁଶ ହୋଇଛି। ବାକ୍ସରେ ଥିବା ସୁନା ଓ ରୁପା ଅଳଙ୍କାର ତରଳି ଯାଇଛି। କ୍ଷୟକ୍ଷତି ପରିମାଣ ୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ପରିବାର ଲୋକେ କହିଛନ୍ତି। ଘରେ କେହି ନ ଥିବାରୁ କାହାର କିଛି କ୍ଷୟକ୍ଷତି ହୋଇନାହିଁ। ଉକ୍ତ ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ କଳିଙ୍ଗନଗର ଭିସା ଷ୍ଟିଲ୍ ପକ୍ଷରୁ ସମ୍ପୃକ୍ତ ପରିବାରକୁ ସହାୟତା ପ୍ରଦାନ କରାଯାଇଛି।

### 'ସାଂସ୍କୃତିକ ଏକତା ହିଁ ମହୋତ୍ସବର ଉଦ୍ଦେଶ୍ୟ'



ମହୋତ୍ସବରେ ଯୋଗଦେଇଥିବା କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟ ଅତିଥିମାନେ।

ଏରସମା,୩।୬(ସ. ପ୍ର.):

ଏରସମା ବ୍ଲକ ଦେବୀ ପଡ଼ିଆରେ ବୁଧବାର ଆରମ୍ଭ ହୋଇଥିବା ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଗୁରୁବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ସମ୍ପାଦକ ନିରାକାର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ଜଳ ଶକ୍ତି ରାଷ୍ଟ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଗ୍ରାମାଞ୍ଚଳରେ ସାଂସ୍କୃତିକ ଏକତା ହିଁ ମହୋତ୍ସବର ଉଦ୍ଦେଶ୍ୟ ବୋଲି କହିଥିଲେ। ଏଥିରେ ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଯୁବନେତା ଶଶାଙ୍କ ସାହାଣୀ, ସଞ୍ଜୟ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଶେଷରେ ମହୋତ୍ସବ ସଭାପତି ସମୀର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ନେଇ ଉଦ୍‌ବେଗ

## ଡେରାବିଶ ପଞ୍ଚାୟତ ସମିତି ସ୍ୱତନ୍ତ୍ର ବୈଠକ

ଡେରାବିଶ, ୩।୬(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଞ୍ଚଳରେ ଦୀର୍ଘମାସ ଧରି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେନ୍ଦ୍ରାପଡ଼ା ଗ୍ରାମ୍ୟ ପାନୀୟ ଜଳଯୋଗାଣ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାରେ ଅବହେଳା କରିବା ପରେ ଶୁକ୍ରବାର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ ଏକ ସ୍ୱତନ୍ତ୍ର ବୈଠକ ଡକାଇଥିଲେ। ଅଧ୍ୟକ୍ଷା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ନମିତା ବାରିକ, ଏବିଡିଓ ଭଞ୍ଜକିଶୋର ନାୟକ, ବ୍ଲକ ପଞ୍ଚାୟତ ଅଧିକାରୀ ନନ୍ଦିନୀ ଶତପଥୀ, ୧୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ ଓ ୧୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲ୍ଲିକଙ୍କ ସମେତ ବ୍ଲକ ଅଧୀନ ୨୬ ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇଥିଲେ।

ଏହି ବୈଠକରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଡେରାବିଶ ବ୍ଲକ କନିଷ୍ଠ ଯନ୍ତ୍ରୀ ବିଭୁଦତ୍ତ ଦାସ ଓ ଦେବାଶିଷ ଧଳ ଯୋଗଦେଇ ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳଯୋଗାଣ ସମସ୍ୟାର ଦୂରୀକରଣ ପାଇଁ ବିଭାଗସ୍ତରରେ ହୋଇଥିବା ପ୍ରସ୍ତାବିତ ପ୍ରକଳ୍ପ ଓ ନିଆଯାଇଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ମାତ୍ର ଉପସ୍ଥିତ







ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି।

ସରପଞ୍ଚ ଓ ସମିତିସଭ୍ୟମାନେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ପାଣି ଟୋପାଏ ପାଇବାରୁ ବଞ୍ଚିତ ହେଉଥିବା ଗ୍ରାମବାସୀଙ୍କ ପାଇଁ ତୁରନ୍ତ ପଦକ୍ଷେପ କ'ଣ ନେଇଛ ବୋଲି ପ୍ରଶ୍ନ କରିଥିଲେ। ହେଲେ ଯନ୍ତ୍ରୀ ବିଭୁଦତ୍ତ କୌଣସି ଠିକ୍ ଉତ୍ତର ଦେଇପାରି ନ ଥିଲେ। ବୈଠକରେ ଉପସ୍ଥିତ ଥିବା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ବାରିମୂଳ ସମିତିସଭ୍ୟ ସରୋଜକାନ୍ତ ସାହୁ ବ୍ଲକ ଅଞ୍ଚଳରେ ମେଗା ପାଇପ୍ ଜଳ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦେଇଥିଲେ। ଆଲୋଚନାରେ ଭାଗ ନେଇ ପଳେଇ ସରପଞ୍ଚ ଅକ୍ଷୟ କୁମାର ସାହୁ କହିଲେ, ଉକ୍ତ ପଞ୍ଚାୟତରେ ଯନ୍ତ୍ରୀ ଓ କର୍ମଚାରୀଙ୍କ ଦାୟିତ୍ୱହୀନତା ପାଇଁ କୌଣସି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ହେଉନାହିଁ। ବିଶେଷକରି ଅଚଳ ହୋଇ ପଡ଼ିଥିବା ଅଗଭୀର ନଳକୂପକୁ ମରାମତି ପାଇଁ କୌଣସି କର୍ମଚାରୀ ଯାଉ ନ ଥିବା ସାହୁ ଅଭିଯୋଗ କରିଥିଲେ। ସେହିପରି ଗୁଆଲସିଂ ସରପଞ୍ଚ ମଧୁସ୍ମିତା ଦାସ ତାଙ୍କ ପଞ୍ଚାୟତ ଅଧୀନରେ ଥିବା ଠାକୁରହାଟଠାରେ ଓଭରହେଡ୍ ଟାଙ୍କି ଦୀର୍ଘବର୍ଷ ହେବ ଅଚଳ ହୋଇପଡ଼ିଛି। ବିଭାଗ ପକ୍ଷରୁ ପାଇପ୍ ଯୋଗେ ଜଳ ଯୋଗାଇବା ପାଇଁ ବ୍ୟବସ୍ଥା ଥିବା ବେଳେ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅନୁରୋଧ କଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି କହିଥିଲେ। ଗୁଆଲସିଂ ପଞ୍ଚାୟତର ଅର୍ଦ୍ଧାଧିକ ୱାର୍ଡ଼ବାସୀ ବିଶୁଦ୍ଧ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି କହିଥିଲେ। ସେହିପରି ରତାଦିଆ ଖଣ୍ଡସାହି ସରପଞ୍ଚ ଶିଶିର ସାମଲ, ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଅରକ୍ଷିତ କାଣ୍ଡି ତାଙ୍କ ପଞ୍ଚାୟତରେ ଥିବା ବିଭିନ୍ନ ବିଦ୍ୟାଳୟ ଓ ମୁଖ୍ୟ ଗ୍ରାମଗୁଡ଼ିକରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଥିବା ବେଳେ ବିଭାଗୀୟ ଯନ୍ତ୍ରୀଙ୍କ ଆଶ୍ୱାସନା ଅଞ୍ଚଳବାସୀଙ୍କୁ ବିସ୍ମିତ କରିଛି। ଚାଟରାଚକଡ଼ା ସରପଞ୍ଚ ମମତା ରାଉତ ତାଙ୍କ ପଞ୍ଚାୟତରେ ରାଜ୍ୟର ପ୍ରଥମ ସୌରଚାଳିତ ପମ୍ପ୍ ଅଚଳ ହୋଇ ପଡ଼ିଥିବା ବେଳେ ବିଦ୍ୟୁତ୍ ସଂଯୋଗ କରାଯାଇ ବୋଲି କହିଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ବିଭାଗୀୟ ସ୍ତରରେ ବ୍ୟବସ୍ଥା କରାଯାଇଛି। ମାତ୍ର ଓଭରହେଡ୍ ଟାଙ୍କିଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ପାଞ୍ଚରୁ ଊର୍ଦ୍ଧ୍ୱ ଗ୍ରାମବାସୀ ପାଣି ଟୋପାଏ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ବେଣିପୁର ସରପଞ୍ଚ ମୋହନ ଚରଣ ସାହୁ ବେଣିପୁର ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଥିବା ବେଳେ ଯେଉଁ ଗ୍ରାମକୁ ପାଇପ୍ ଯୋଗେ ପାନୀୟଜଳ ଯାଉଛି ତାହା ବିଶୁଦ୍ଧ ପରିବର୍ତ୍ତେ ଶିଉଳି ଆସୁଥିବା ଅଭିଯୋଗ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଏଣ୍ଡର ସରପଞ୍ଚ ଦୁର୍ଯ୍ୟୋଧନ ମଲ୍ଲିକ, ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ, ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲ୍ଲିକ, କୁଶିଆପାଳ ସମିତିସଭ୍ୟ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ବିଭାଗୀୟ ଅପାରଗତାକୁ ଦାୟୀ କରି ଉଦ୍‌ବେଗ ପ୍ରକାଶ କରିଥିଲେ। ତେବେ ପାନୀୟ ଜଳ ସମସ୍ୟା ନେଇ ପଞ୍ଚାୟତ ସମିତି ବୈଠକରେ ହୋଇଥିବା ଆଲୋଚନାରେ ସର୍ବସମ୍ମତିକ୍ରମେ ଗୃହୀତ କରାଯାଇ ଏହାର ଏକ ରିଜୋଲ୍ୟୁଶନ୍ କପି ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷା ମଲ୍ଲିକ ସୂଚନା ଦେଇଥିଲେ। ତେବେ କନିଷ୍ଠ ଯନ୍ତ୍ରୀ ବିଭୁଦତ୍ତ ବ୍ଲକ ଅଞ୍ଚଳରେ ୪୦ଟି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି ବୋଲି କହିବା ସହ ଏଥିମଧ୍ୟରୁ ୬ଟି ପ୍ରକଳ୍ପ ନିର୍ମାଣାଧୀନ ରହିଛି। ତେବେ ଖୁବ୍‌ଶୀଘ୍ର ଯେଉଁ ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଛି ସେଠାରେ ସୌରଶକ୍ତି ଚାଳିତ ପ୍ରକଳ୍ପ କିମ୍ବା ଅଗଭୀର ନଳକୂପ ଖୋଳାଯାଇ ତୁରନ୍ତ ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ରଥ ନିର୍ମାଣ ପାଇଁ ଆଜ୍ଞାମାଳ ଆସିଲା



**ନୟାଗଡ଼ ଅଫିସ,୩।୬:** ଚଳିତ ମାସ ୧୪ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ଓ ଜୁଲାଇ ୧ରେ ରଥଯାତ୍ରା । ଏହି ଅବସରରେ ନୟାଗଡ଼ ଉପଜିଲାପାଳ ଲସ୍ମଜିତ୍ ରାଉତଙ୍କ ଅନୁମତି ପରେ ଜଗନ୍ନାଥ ମନ୍ଦିରର ବଡପଣ୍ଡା ଠାକୁରଙ୍କଠାରୁ ଆଜ୍ଞାମାଳ ଆଣି ପୂଜାନୀତି ଶୁକ୍ରବାର ଶେଷ କରିଛନ୍ତି । ଏହାପରେ ମନ୍ଦିର ରଥ ମହାରଣା ଜୀଉମାନଙ୍କ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି ।

### ପୂର୍ବତନ ମନ୍ତ୍ରୀ ଭାଗବତ ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ

**ନୟାଗଡ଼ ଅଫିସ,୩।୬:** ନୟାଗଡ଼ର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଭାଗବତ ବେହେରାଙ୍କ ୨୧ ତମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ବିଜେଡି ପକ୍ଷରୁ ନୟାଗଡ଼ ପୁରୁଣା ବସଷ୍ଟାଣ୍ଡଠାରେ ଥିବା ଭାଗବତ ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରାଯାଇଥିଲା। ଶ୍ରାଦ୍ଧବାର୍ଷିକୀ ଅବସରରେ ଓଡ଼ିଶା ମୋ ପରିବାର ପକ୍ଷରୁ ନୟାଗଡ଼ ରକ୍ତଭଣ୍ଡାର ପାଖରେ ରକ୍ତଦାନ ଶିବିର କରାଯାଇ ୫୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି ।

### ମହିଳାଙ୍କ ମୃତ୍ୟୁ, ସାପ କାମୁଡ଼ିଥିବା ସନ୍ଦେହ

**ଶେରଗଡ଼,୩।୬(ଡି.ଏନ୍.ଏ.):** ଶେରଗଡ଼ବ୍ଲକ ଲାଞ୍ଜିଆପଲ୍ଲୀ ଗ୍ରାମରେ ଶୁକ୍ରବାର ଜଣେମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜା ସ୍ୱାଇଁ (୪୧)। ଜା ନିଜ ବାଡ଼ି ପଟେ ଯାଇଥିବା ବେଳେ ହଠାତ ତଳେ ପଡିଯାଇଥିଲେ। ତାଙ୍କୁ ଶେରଗଡ଼ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ. ୮/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାଥମିକ ତଦନ୍ତରୁ ସାପ କାମୁଡ଼ି ମହିଳାଙ୍କ ମୃତ୍ୟୁ ହୋଇ ଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁ କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ମନୋଜ କୁମାର ପ୍ରଧାନ କହିଛନ୍ତି।

# ଡିଏଚ୍‌ଏଚ୍‌ରେ ଅବ୍ୟବସ୍ଥା ବଢୁଛି

- ରୋଗୀଙ୍କୁ ନ ଦେଖି ନିଦରେ ଡାକ୍ତର
- ଆପତ୍ତକାଳୀନ ଆଉଟ୍‌ଡୋରରେ ସେବା ମିଳୁନି

**ନୟାଗଡ଼ ଅଫିସ,୩।୬**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ୭ନଂ. ପ୍ରକୋଷ୍ଠରେ ଥିବା ଆପତ୍ତକାଳୀନ ଆଉଟଡୋରରେ ଡ୍ୟୁଟି ସମୟରେ ଜଣେ ଡାକ୍ତର ଶୋଇ ପଡିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଗୁରୁବାର ରାତିପ୍ରାୟ ୭ଟାରେ ୪୦ ସମୟର ଏହି ଘଟଣା ଘଟିଛି । ଜଣେ ରୋଗୀ ଆସି ସମ୍ପୃକ୍ତ ଡାକ୍ତରଙ୍କୁ ଡାକିଲେବି ସେ ଉଠୁ ନାହାନ୍ତି । ସେହି ଟେବୁଲରେ ବସିଥିବା ଅନ୍ୟ ଜଣେ ଡାକ୍ତର ରୋଗୀ ଦେଖୁଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଆପତ୍ତକାଳିନ ଆଉଟ ଡୋରରେ ୨ଜଣ ଡାକ୍ତର ଡ୍ୟୁଟି କରୁଥିଲେ । ଜଣେ ଡାକ୍ତର ରୋଗୀ ଦେଖୁଥିବା ବେଳେ ପାଖରେ ବସିଥିବା ଅନ୍ୟ ଜଣେ ଡାକ୍ତର ଘୁମେଇ ପଡିଥିଲେ। ଆପତ୍ତକାଳୀନ ଆଉଟ୍‌ଡୋରରେ ଏପରି ରୋଗୀ ସେବା ଦେଖି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଡାକ୍ତର ଅସୁସ୍ଥ ଥିବାବେଳେ ରୋଗୀଙ୍କୁ କ'ଣ ସେବା ଯୋଗାଇବେ ବୋଲି ପ୍ରଶ୍ନ ଉଠୁଛି। ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା କ୍ୱାର୍ଟର୍ସରେ ଜଣେ ଶିଶୁ ରୋଗ ବିଶେଷଜ୍ଞ କ୍ଲିନିକ କରିଥିବା ଜଣାପଡିଥିଲା। ସିଡିଏମ୍‌ଓ ଚଢ଼ାଉ କରିବା ପରେ ଏହି ଘଟଣା ଚର୍ଚ୍ଚାକୁ ଆସିଥିଲା । ଏବେ ରୋଗୀଙ୍କୁ ଡାକ୍ତର ନ ଦେଖି ଶୋଇବା ଘଟଣା ଜିଲା ମୁଖ୍ୟ ଚିକିତ୍ସାଳୟର ଅବ୍ୟସ୍ଥାକୁ ପଦାରେ ପକାଇଛି। ଅନ୍ୟପକ୍ଷେ ଡାକ୍ତର ଶୋଇବା ଘଟଣାର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ଜିଲା ଚିକିତ୍ସାଧିକାରୀ(ସ୍ୱାସ୍ଥ୍ୟସେବା) ତଥା ଅଧୀକ୍ଷକ ସୁଧାଂଶୁ ଶେଖର ଷଡ଼ଙ୍ଗୀ କହିଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ ସପ୍ତାହକୁ ୬ଦିନ ଡ୍ୟୁଟି କରିବାର ନିୟମ କହୁଛି । ହେଲେ ଉକ୍ତ ଡାକ୍ତରଖାନାର ଅଧିକାଂଶ ଡାକ୍ତର ୬ଦିନର ଡ୍ୟୁଟିକୁ ଲଗାତାର ୨ଦିନରେ ୪୮ ଘଣ୍ଟା କରି ଶେଷ କରି ଦେଉଛନ୍ତି । ଅବଶିଷ୍ଟ ୫ ଦିନ ନର୍ସିଂହୋମରେ କାମ କରି ଭଲ ରୋଜଗାର କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଡାକ୍ତରଙ୍କ ଏପରି ଚତୁରତାକୁ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ବିରୋଧ କରାଯାଉ ନ ଥିବାରୁ ଧିରେ ଧିରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇ ଚାଲିଛି । ଦିନକୁ ଜଣେ ଡାକ୍ତର ୮ ଘଣ୍ଟା ଏପରି ୬ଦିନରେ ୪୮ ଘଣ୍ଟା ଡ୍ୟୁଟି କରିବାକୁ କୁହାଯାଉଛି। ହେଲେ ଡାକ୍ତର ୬ ଦିନ ଡ୍ୟୁଟି କରିବାକୁ ପସନ୍ଦ କରୁ ନାହାନ୍ତି। ସକାଳ ୮ରୁ ୧୨ଆଉଟ୍‌ଡୋର, ମଧ୍ୟାହ୍ନ ୧୨ରୁ ଅପରାହ୍ନ ୪ଇମରଜେନ୍ସି ଡ୍ୟୁଟି, ଅପରାହ୍ନ ୪ରୁ ସନ୍ଧ୍ୟା ୬ ଆଉଟ୍‌ଡୋର, ସନ୍ଧ୍ୟା ୬ରୁ ରାତ୍ର ୯ ଇମରଜେନ୍ସି, ରାତ୍ର୯ରୁ ସକାଳ ୮ ନାଇଟ୍ ଡ୍ୟୁଟି କରି ସପ୍ତାହକର ଡ୍ୟୁଟି ଶେଷ କରି ପଳାଉଛନ୍ତି ବୋଲି ଅଭିଯୋଗ ହୋଇଛି ।

ପ୍ରତ୍ୟହ ସକାଳ ୮ରୁ ମଧ୍ୟାହ୍ନ ୧୨ଟା ଓ ଅପରାହ୍ନ ୪ରୁ ୬ଟା ଆଉଟଡୋର କରିବାକୁ ନିୟମ ରହିଛି । ତେବେ ଶୀତଋତୁରେ ଅପରାହ୍ନ ୩ରୁ ୫ଟା ପର୍ଯ୍ୟନ୍ତ ଆଉଟ୍‌ଡୋର ହେବ ବୋଲି ସରକାରୀ ନିର୍ଦ୍ଦେଶନାମା ଜାରି ହୋଇଛି। ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅପରାହ୍ନରେ ଆଉଟ୍‌ଡୋର ସେବା ୧୦ରୁ ଊର୍ଦ୍ଧ୍ୱ ବର୍ଷ ହେଲା ହେଉ ନ ଥିଲା । ସିଡିଏମ୍‌ଓ ମକରନ୍ଦ ବେଉରା କାର୍ଯ୍ୟରେ ଯୋଗ ଦେବା ପରେ ଜୁନ୍ ୧ରୁ ଅପରାହ୍ନରେ ଆଉଟଡୋର ସେବା ଆରମ୍ଭ ହୋଇଛି । ଦରମା ନେଉଛନ୍ତି ଡ୍ୟୁଟି କାହିଁକି କରିବେନି ବୋଲି ସିଡିଏମ୍‌ଓଙ୍କ ତାଗିଦ୍ ପରେ ଏବେ ଆଉଟଡୋର କାର୍ଯ୍ୟକ୍ଷମ ହୋଇଛି । ହେଲେ ଏନେଇ ପ୍ରତିବାଦ ଉଠିଛି । କିପରି ଆଉଟଡୋର ଅପରାହ୍ନରେ ବନ୍ଦ ହେବ ସେ ନେଇ କେତେଜଣ ଡାକ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

### ଲିଫ୍ଟ କାମ କରୁନି, ରୋଗୀ ହଇରାଣ

**ନୟାଗଡ଼ ଅଫିସ,୩।୬**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ଚିକିତ୍ସାଳୟର ଲିଫ୍ଟଗୁଡିକ କାମ କରୁନି। ଏଣୁ ଗର୍ଭବତୀ ଓ ପ୍ରସୁତୀ ମହିଳା ସିଡିରେ ଚଢ଼ି ଯାତାୟତ କରିବା ଅସୁବିଧା ହେଉଛି। ୬ ମହଲା ବିଶିଷ୍ଟ ଏହି ଚିକିତ୍ସାଳୟରେ ଲିଫ୍ଟ ୧୦ ଦିନ ହେବ ଅଚଳ ରହିଥିଲେ ମଧ୍ୟ ମରାମତି କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି ।




### ସୁଭଦ୍ରାଙ୍କ ଦାରୁ ମିଳିଥିବା ସ୍ଥାନରେ ବିଶ୍ୱଶାନ୍ତି ମହାଯଜ୍ଞ



ବିଶ୍ୱଶାନ୍ତି ମହାଯଜ୍ଞ ସ୍ଥଳ ।

**ଖଣ୍ଡପଡ଼ା,୩।୬(ସ୍ୱ.ପ୍ର.)**

ଗୁରୁବାର ଜ୍ୟେଷ୍ଠ ଶୁକ୍ଳପକ୍ଷ ତୃତୀୟା ତିଥିରେ ନୀଳମାଧବଜୀଉଙ୍କ ପାର୍ଶ୍ୱ ଠାକୁର ମା'ସୁଭଦ୍ରାଙ୍କ ଦାରୁ ମିଳିଥିବା ସ୍ଥାନ ବେଣାଗାଡିଆଠାରେ ୩ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବେଣାଗାଡିଆ ଗ୍ରାମବାସୀ ଓ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଅଧିବାସ ହୋଇଥିଲା । ଏହାପରେ ଶ୍ରୀ ନୀଳମାଧବଙ୍କଠାରୁ ଆଜ୍ଞାମାଳ ଆସିଥିଲା । କୁଆଁରିଆ ନଦୀରୁ ଶତାଧିକ ମହିଳା,ପୁରୁଷ କଳସ ଶୋଭାଯାତ୍ରାରେ ଜଳ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିବା ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା । ଗୁରୁବାର ପୂର୍ଣ୍ଣାହୁତି ସମ୍ପନ୍ନ କରାଯାଇଥିଲା । ଏହି ଅବସରରେ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯକ୍ରମକୁ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ, ସଦାଶିବ ମିଶ୍ର, ଗତିକୃଷ୍ଣ ସ୍ୱାଇଁ ପରିଚାଳନା କରିଥିଲେ ।

### କିନ୍ନରମାନଙ୍କୁ ସମାନ ଅଧିକାର ଦେବା ଉପରେ ଆଲୋଚନା



ଉନ୍ନୟନ କମିଟି ବୈଠକରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

**ଭାପୁର,୩।୫ (ଡି.ଏନ.ଏ.)**

ନୟାଗଡ଼ ଭାପୁର ବ୍ଲକ ପରିସର ମଧ୍ୟରେ ଥିବା ସଭାଗୃହରେ କିନ୍ନରମାନଙ୍କୁ ସମାନ ଅଧିକାର ଓ ସମାନ ସୁଯୋଗ ନେଇ ଗଣିଆ ଉନ୍ନୟନ କମିଟି ଦ୍ୱାରା ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ସରକାରଙ୍କ ଦ୍ୱାରା କିନ୍ନରମାନଙ୍କ ସୁବିଧା ଓ ଉନ୍ନତି ନିମନ୍ତେ ସ୍ୱୀକୃତି ଯୋଜନା ପ୍ରଣୟନ କରାଯାଇଛି । ଏହି ବୈଠକରେ ଭାପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ଭାପୁର ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକ, ସିଡିପିଓ ରେଣୁବାଳା ନନ୍ଦ ଉପସ୍ଥିତ ଥିଲେ। ଗଣିଆ ଉନ୍ନୟନ କମିଟିର ଅଧ୍ୟକ୍ଷା ଉଷା ପଟ୍ଟନାୟକ ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାପୁର ବ୍ଲକର ସମସ୍ତ ବିଭାଗର କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ଏସଜିଓ ଗ୍ରୁପ ଓ ଭାପୁର ବ୍ଲକର ୨୦ ପଞ୍ଚାୟତର ଜନପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ପଞ୍ଚାୟତରୁ କିନ୍ନରମାନଙ୍କୁ ଚିହ୍ନଟ କରିବା ପାଇଁ ଜନପ୍ରତିନିଧି ସହଯୋଗ କରିବେ । କିନ୍ନର ମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ବିଷୟରେ ଆଲୋଚନା କରାଯାଇଥିଲା । କିଭଳି କିନ୍ନର ମାନେ ସମସ୍ତ ପ୍ରକାରର ସରକାରୀ ସୁବିଧା ସୁଯୋଗ ପାଇ ପାରିବେ ଓ ମୁଖ୍ୟ ସ୍ରୋତରେ ସାମିଲ ହୋଇ ଆଗକୁ ଯିବେ ତାହା ମଧ୍ୟ ଆଲୋଚନା ହୋଇଥିଲା। କିନ୍ନରମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ମଧୁବାବୁ ଭତ୍ତା, ଶିକ୍ଷା ବୃତ୍ତି ,୧୮ ବର୍ଷ ପର୍ଯ୍ୟନ୍ତ କିନ୍ନରମାନଙ୍କର ଶିକ୍ଷା ନିମନ୍ତେ ସେମାନଙ୍କ ମାତାପିତାଙ୍କୁ ମାସିକ ୧ ହଜାର ଟଙ୍କା ସହାୟତା ,ଦକ୍ଷତାବୃଦ୍ଧି ତାଲିମ, ସ୍ୱଂୟ ସହାୟକ ଗୋଷ୍ଠୀ ମାଧ୍ୟମରେ ଆର୍ଥିକ ସହାୟତା ଓ ସମସ୍ତ ସରକାରୀ ସୁବିଧା ସୁଯୋଗ ପାଇଁ ଜିଲା ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରି ପରିଚୟ ପତ୍ର ପ୍ରଦାନ ପାଇଁ ସମସ୍ତ ସହଯୋଗ କରିବାକୁ ଆଲୋଚନା ହୋଇଥିଲା ।

### କାଠ ଚାଲାଣ ବେଳେ ଘାଟିରେ ଓଲଟିଲା ଟ୍ରାକ୍ଟର

**ଆର.ଉଦୟଗିରି,୩।୬(ଡି.ଏନ.ଏ.)**

ଚୋରା କାଠ ଚାଲାଣ ହେଉଥିବା ଏକ ଟ୍ରାକ୍ଟର ଗଜପତି ଜିଲା ଅଡ଼ବା ଥାନା ପାହାଡିମା ଘାଟିରେ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ମୋହନା ବନ ବିଭାଗ ଓ ଅଡବା ବନପାଳ ପ୍ରଶାନ୍ତ ବେହେରା, ବନ କର୍ମଚାରୀ ଓ ଏଏସ୍‌ଏସ୍ ସ୍କ୍ୱାର୍ଡ ପହଞ୍ଚି କାଠ ସହ ଏକ ନମ୍ବର ବିହୀନ ଟ୍ରାକ୍ଟର ଓ ପାଟ୍ରୋଲିଂ କରି ଯାଉଥିବା ଗୋଟିଏ ବାଇକ ଜବତ କରିଛି। ଏହି ଘଟଣାରେ କଟାମା ଗାଁର ଗାଡି ଚାଳକ ସୁଧାକର ବେହେରା ଓ ପଣସଡିହ ଗାଁର ଦିବାକର ଦଳାଇଙ୍କୁ ଗିରଫ କରାଯାଇଛି।

### ବିଭିନ୍ନ ସ୍ଥାନରେ ଅବକାରୀ ଚଢ଼ାଉ

**ପାରଳାଖେମୁଣ୍ଡି,୩।୬ (ଡି.ଏନ୍.ଏ.)**

ଗଜପତି ଜିଲା ଅବକାରୀ ଅଧିକ୍ଷକ ପ୍ରଭାତ କୁମାର ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲା ଅବକାରୀ ଭ୍ରାମ୍ୟମାଣ ଟିମ ଏବଂ ଅବକାରୀ ବିଭାଗର କର୍ମଚାରୀମାନଙ୍କ ଦ୍ୱାରା ବିଭିନ୍ନ ଗ୍ରାମାଞ୍ଚଳରେ ଚଢାଉ କରାଯାଇଛି। ଚଢାଉ ବେଳେ ୧୨୦୦ଲିଟର ପୋଚକୁ ଜବତ କରି ନଷ୍ଟ କରାଯାଇଥିବା ବେଳେ ୧୬୦ ଲିଟର ରନ୍ଧାମଦ ଜବତ ହୋଇଛି।

### ସ୍ୱାଧୀନତା ସଂଗ୍ରାମୀ ଗୋରା ବେହେରାଙ୍କ ସ୍ମୃତିସଭା



ସ୍ମୃତିସଭାରେ ଯୋଗଦେଇଥିବା ଅତିଥି ।

**ଖଣ୍ଡପଡ଼ା,୩।୬ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଛାମୁପାଟଣା ଗ୍ରାମର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ସହଦେବ ଓରଫ ଗୋରା ବେହେରାଙ୍କ ଏକାଦଶାହ ଅବସରରେ ଗୁରୁବାର ସନ୍ଧ୍ୟାରେ ତାଙ୍କ ବାସଭବନ ନିକଟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ କଣ୍ଟିଲୋ ଜିଲା ପରିଷଦ ସଭ୍ୟା ଉଜ୍ୱଳ ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ସଭାରେ କଣ୍ଟିଲୋ ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର କାଣ୍ଡି, ରାଜୀବ କୁମାର ମିଶ୍ର, ହରିହର ଦଳେଇ, ପ୍ରମୋଦ କୁମାର ଦଳେଇ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ସ୍ୱାଧୀନତା ଆନ୍ଦୋଳନର ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। କଣ୍ଟିଲୋ ମାଟି ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇଲା ବୋଲି ଅତିଥିମାନେ କହିଥିଲେ । ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଡ. ପୋମା ଟୁଡୁ ପଠାଇଥିବା ଏକ ବାର୍ତ୍ତା ପାଠ କରାଯାଇଥିଲା । ଅୟୋଜିତ କାର୍ଯ୍ୟକ୍ରମକୁ ପ୍ରଭାକର ଶିରୋମଣି ସଂଯୋଜନା କରିଥିଲେ।

## ଶରଣକୁଳରେ ଶୀତଳଷଷ୍ଠୀ ପର୍ବ ଆରମ୍ଭ

**ନୟାଗଡ଼ ଅଫିସ,୩।୬**

**ପାର୍ବତୀଙ୍କ ପକ୍ଷରୁ ଗୋପୀନାଥଙ୍କ ଦିଅଁମଙ୍ଗୁଳା**

ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପବିତ୍ର ଶୀତଳଷଷ୍ଠୀ ପର୍ବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏ ଅବସରରେ ଶୁକ୍ରବାର ଠାରୁ ଲଡୁବାବାଙ୍କ ପୀଠ ଉତ୍ସବ ମୁଖର ହୋଇଉଠିଛି। ଶୁକ୍ରବାର ସନ୍ଧ୍ୟାରେ ଲଡୁବାବାଙ୍କ ରୋଷ ଘରେ ପାର୍ବତୀଙ୍କ ପକ୍ଷରୁ ୭ ହାଣ୍ଡି ମଙ୍ଗନ ସଜ ବସିଛି। ପାର୍ବତୀଙ୍କ ପକ୍ଷରୁ ଗୋପୀନାଥ ଦିଅଁମଙ୍ଗୁଳା କରିଥିଲେ । ଢ଼ୋଲକି ସିଂହ ଦ୍ୱାରରେ ଢ଼ୋଲ ବଜାଇବାରେ ବ୍ୟସ୍ତ । ମନ୍ଦିର ପୁରୋଧା ତୋଷବନ୍ତ କର ପାଳିଆ ପାଳି ସହଯୋଗରେ କନ୍ୟାପକ୍ଷ ପାର୍ବତୀଙ୍କ ପକ୍ଷରୁ ଶିବ-ପାର୍ବତୀଙ୍କ ବିବାହ ସମ୍ପନ୍ନ ପାଇଁ ନିମନ୍ତ୍ରଣ ନେଇ ଶିବଙ୍କ ପାଖରେ ପହଞ୍ଚି ନିମନ୍ତ୍ରଣ କରିଛନ୍ତି । ଏଥିପାଇଁ ମନ୍ଦିର ପରିସରରେ ହୋମ କାର୍ଯ୍ୟ ସମାପନ କରାଯାଇଛି । ଶନିବାର ବିବାହ ଉତ୍ସବ ଥିବାବେଳେ ବରଯାତ୍ରୀ ରୂପେ ଯିବାପାଇଁ ଶିବଙ୍କ ପକ୍ଷରୁ ଭିକାରୀପଡା ରଘୁନାଥପୁରର ବ୍ରାହ୍ମଣମାନଙ୍କୁ ନିମନ୍ତ୍ରିତ କରାଯାଇଛି। ସେହିପରି ପାର୍ବତୀଙ୍କ ପକ୍ଷରେ ଲଡୁବାବାଙ୍କ ସେବାସୀମାନେ ଅଛନ୍ତି। ବିବାହ ଉତ୍ସବ ଶାନ୍ତିଶୃଙ୍ଖଳା ମଧ୍ୟରେ ଶେଷ କରିବାକୁ ଆୟୋଜନ ଚାଲିଛି । ପ୍ରଫୁଲ୍ଲ କୁମାର ବଡପଣ୍ଡା, କଲ୍ୟାଣୀ ପ୍ରତିହାରୀ, ଅଖିଳ ମହାପାତ୍ର, ସମସ୍ତ ସେବାୟତ ମଙ୍ଗନ କାର୍ଯ୍ୟରେ ସହଯୋଗ କରିଛନ୍ତି ବୋଲି ମନ୍ଦିର ପରିଚାଳକ ସୁବାସ ବରାଡ ସୂଚନା ଦେଇଛନ୍ତି । ସେହିପରି ନୟାଗଡ଼ ବ୍ଲକର ଲାଠିପଡା ନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠରେ ଶୀତଳଷଷ୍ଠୀ ପର୍ବ ପାଇଁ ଦିଅଁମଙ୍ଗୁଳା କାର୍ଯ୍ୟ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି ।

## ଶାଗୁଆନ ଲଗ୍ ସହ ପିକ୍‌ଅପ୍ ଭ୍ୟାନ୍ ଜବତ

**ଖଣ୍ଡପଡ଼ା,୩।୬ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କୋସକା ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମରୁ ଶାଗୁଆନ ଲଗ୍ ବୋଝେଇ କରି ଏକ ଧଳାରଙ୍ଗର ପିକ୍‌ଅପ୍ ଭ୍ୟାନ୍ ବାଣପୁର ଅଭିମୁଖେ ଯାଉଥିବା ବେଳେ ଢୋଲମରା ଗ୍ରାମ ନିକଟରେ ବନ ବିଭାଗ କର୍ମଚାରୀମାନେ ଗାଡ଼ିଟିକୁ ଅଟକାଇ ତନଖି କରିଥିଲେ । ପିକଅପ୍ ଭ୍ୟାନରେ ୭୦ଖଣ୍ଡ ଶାଗୁଆନ ଲଗ୍ ରହିଥିଲା । ଗାଡ଼ି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀ କହିଛନ୍ତି । ଉକ୍ତ ଗାଡ଼ିଟି ଶାଗୁଆନ ଲଗ୍ ବୋଝେଇ କରି ବାଣପୁର ଅଞ୍ଚଳକୁ ନେଉଥିବ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କୁ ସୂଚନା ପ୍ରଦାନ କରିଥିଲେ । ଡ଼ିଏଫ୍‌ଓ କ୍ଷମା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ଚଢାଉ ଅଭିଯାନରେ ବନପାଳ ଶ୍ରୀନିବାସ ଦାଶ, ମୋବାଇଲ ଷ୍ଟାଫ୍ ଜଗନ୍ନାଥ ବେହେରା, ସୁରେଶ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ । ଜବତ କାଠ ସହ ପିକଅପ୍ ଭ୍ୟାନଟିକୁ ସିଂଘାପଡା ବନ ବିଭାଗ ବିଟ୍ ହାଉସରେ ରଖାଯାଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଏ ସମ୍ପର୍କରେ ମାମଲା ରୁଜୁ ହୋଇଛି ।



ଜବତ ହୋଇଥିବା ପିକ୍‌ଅପ୍ ଭ୍ୟାନ୍ ବୋଝେଇ କାଠ ।

## ଯାତ୍ରୀବାହୀ ବସ୍ ଦୁର୍ଘଟଣା, ୮ ଆହତ



**ଦଶପଲ୍ଲା,୩।୬ (ଡି.ଏନ.ଏ.)**

ଶୁକ୍ରବାର ଅପରାହ୍ନରେ ଦଶପଲ୍ଲା-ଗଣିଆଁ ରାସ୍ତାର ଘୋଳାହାଣ୍ଡି ଛକ ନିକଟରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୮ଜଣ ଯାତ୍ରୀ ଆହତ ହୋଇଛନ୍ତି। ଦଶପଲ୍ଲାରୁ ଭୁବନେଶ୍ୱର ଯାଉଥିବା ଗଣେଶ ନାମକ ଏହି ଯାତ୍ରୀବାହୀ ବସ୍ ସହିତ ଏକ ଟ୍ରକ୍ ମୁହାଁମୁହିଁ ହୋଇଥିଲା । ଏହି ଦୁର୍ଘଟଣାରେ,ଦୁଇ ଗାଡ଼ିର ଚାଳକ ସୁରକ୍ଷିତ ଥିବାବେଳେ ୮ ଜଣ ବସ୍ ଯାତ୍ରୀ ଆହତ ହୋଇଛନ୍ତି । ଆହତମାନଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନେ ସୁସ୍ଥ ଥିବା ଜଣାଯାଇଛି ।

## ୫ ଦିନ ପରେ ମନେପଡ଼ିଲା ସଚେତନତା

**ନୟାଗଡ଼ ଅଫିସ,୩।୬**

ଶିଶୁ ଶ୍ରମିକ ନିରାକରଣ ଉପରେ ମେ ୨୯ରୁ ଜୁନ୍ ୧୨ ପର୍ଯ୍ୟନ୍ତ ୧୫ ଦିନିଆ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ତେବେ ଶିଶୁ ଶ୍ରମିକ ନିରାକରଣ ରଥ ୫ ଦିନ ବିଳମ୍ବରେ ଶୁଭାରମ୍ଭକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ଶ୍ରମ ଅଧିକାରୀ, ପରିମିତା ମିଶ୍ର, ଗ୍ରାମୀଣ ଶ୍ରମ ନିରୀକ୍ଷକ, ଜିଲାରେ କାର୍ଯ୍ୟରତ ବିଭିନ୍ନ ସଙ୍ଗଠନ ଏବଂ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ । ଶିଶୁ ଶ୍ରମ ନିରାକରଣ, ଶିଶୁମାନଙ୍କ ଅଧିକାର ଏବଂ ବେଆଇନ ଭାବେ ଶିଶୁଙ୍କୁ କାର୍ଯ୍ୟରେ ନିୟୋଜନ ପାଇଁ ଆଇନରେ ରହିଥିବା ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ରଥ ସଚେତନତା କରୁଛି । ଶିଶୁ ଶ୍ରମିକ ନିରାକରଣ ଓ ୧୪ ବର୍ଷ ପୁରି ନ ଥିବା ଶିଶୁଙ୍କୁ କୌଣସି ବୃତ୍ତି ଏବଂ ଶ୍ରମଭିତ୍ତିକ କାର୍ଯ୍ୟରେ ନ ଲଗାଇବା ପାଇଁ ସଚେତନତା ସୃଷ୍ଟି କରୁଛି । ପୁଣି ୧୫ ବର୍ଷରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦସଙ୍କୁଳ ବୃତ୍ତି ଓ କାର୍ଯ୍ୟରେ ନିୟୋଜନ କରିବା ଏକ ଧର୍ତ୍ତବ୍ୟ ଅପରାଧ ବୋଲି ସୂଚାଉଛି । ଏପରି କାର୍ଯ୍ୟରେ ନିୟୋଜନ କରିଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ସହ କାରାଦଣ୍ଡ ବ୍ୟବସ୍ଥା ରହିଛି । କିଛି ଦିନର ସଚେତନତା କାର୍ଯ୍ୟକ୍ରମ ପରେ ଜିଲା ଶ୍ରମ ବିଭାଗ ପକ୍ଷରୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଚଢ଼ାଉ କରି




ସଚେତନତା ରଥର ଶୁଭାରମ୍ଭ କରାଯାଉଛି ।

**ଶିଶୁ ଶ୍ରମିକ ନିରାକରଣ ରଥ ବିଳମ୍ବକୁ ନେଇ ଅସନ୍ତୋଷ**

ଜିଲାରେ ଶିଶୁ ଶ୍ରମିକଙ୍କ ବାସ୍ତବିକ ସ୍ଥିତିର ଆକଳନ କରାଯିବା ସହ ଆଇନ ଉଲ୍ଲଂଘନ କ୍ଷେତ୍ରରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏହି ଅବସରରେ ଆମ ଜିଲା ତଥା ରାଜ୍ୟକୁ ଶିଶୁ ଶ୍ରମ ମୁକ୍ତ କରିବା ପାଇଁ ଜିଲାପାଳ ପୋମା ଟୁଡୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଓଡ଼ିଶା ସରକାରଙ୍କ ଶ୍ରମ ଓ ରାଜ୍ୟ କର୍ମଚାରୀ ବିଭାଗ, ନୟାଗଡ଼ ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଏହି ରଥ ଜିଲାର ବିଭିନ୍ନ ସହରାଞ୍ଚଳ ଓ ବ୍ଲକ୍ ଗସ୍ତ କରିବ ବୋଲି କୁହାଯାଇଛି ।

**ସଂକ୍ଷେପରେ**

## ମନ୍ଦିର ପ୍ରତିଷ୍ଠା ଲାଗି ଶୁଭଖୁଣ୍ଟି ସ୍ଥାପନ

**ଆସିକା,୩।୬(ଡି.ଏନ୍.ଏ):** ଆସିକା ଏନଏସି ପାକଲାପଲ୍ଲୀ ଗ୍ରାମରେ ନବନିର୍ମିତ ରଘୁନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୭ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିଲାଗି ବୁଧବାର ନୂତନ ମନ୍ଦିର ସମ୍ମୁଖରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । କର୍ମକାଣ୍ଡବିତ ଲଡୁକିଶୋର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ବଦ୍ରିନାରାୟଣ କର, ବିକ୍ରମାଦିତ୍ୟ କର, ହିମାଂଶୁ ଶେଖର କର, ରବିନ୍ଦ୍ର କର, ବ୍ରହ୍ମକୁମାର ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରତିଷ୍ଠା କାର୍ଯ୍ୟ ଶାସ୍ତ୍ର ମୁତାବକ ସୂଚାରୁ ସମ୍ପାଦନ ଲାଗି ଆଲୋଚନା କରିଥିଲେ । ଗ୍ରାମ ସଭାପତି ସନ୍ତୋଷ କୁମାର ପୋଲାଇଙ୍କ ଅଧକ୍ଷତାରେ ସୀମାଞ୍ଚଳ ପରିଡା, ପ୍ରିୟାଂଶୁ ଶେଖର ପରିଡା, ରମେଶ ଚନ୍ଦ୍ର ପୋଲାଇ, ମଧୁସୂଦନ ପରିଡା, ରବିନ୍ଦ୍ର ନାଥ ପୋଲାଇ, ସାଇଶଙ୍କର ପୋଲାଇ, ଅମିତ କୁମାର ପୋଲାଇ, କୈଳାସ ଚନ୍ଦ୍ର ପୋଲାଇ, ରାମଚନ୍ଦ୍ର ପରିଡା, ଶିବରାମ ଗୌଡ, ଅନ୍ତର୍ଯ୍ୟାମୀ ପୋଲାଇ ପ୍ରମୁଖ ଯୋଗଦେଇ ଏହି ପ୍ରତିଷ୍ଠା କାର୍ଯ୍ୟର ସଫଳ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ ।

## ଶିଶୁ ଶ୍ରମିକ ସଚେତନତା ରଥ ଶୁଭାରମ୍ଭ

**ଫୁଲବାଣୀ ଅଫିସ, ୩।୬:** ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ଶିଶୁ ଶ୍ରମିକ ନିରାକରଣ ଉପରେ ୧୫ ଦିନିଆ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ଗୁରୁବାର ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜିଲା ଶ୍ରମ ଅଧିକାରୀ ତେଜ୍ କୁମାର ବାଗେ, ସହକାରୀ ଜିଲାପାଳ ରବିନ୍ ମିଶ୍ର, ସହକାରୀ ଶ୍ରମ ଅଧିକାରୀ ଶୁଭଦର୍ଶିନୀ ନାୟକ, ଗ୍ରାମ୍ୟ ଶ୍ରମ ନିରୀକ୍ଷକ କେଶବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଖାଣ୍ଡବାରେ ତାରିଣୀ ମନ୍ଦିର ପ୍ରତିଷ୍ଠା

**କାଶୀନଗର,୩।୬:** କାଶୀନଗର ବ୍ଲକ ଖାଣ୍ଡବା ଗ୍ରାମରେ ମା' ତାରିଣୀଙ୍କ ବିଗ୍ରହ ଓ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୩ଦିନ ଧରି ଘଟପୂଜା, ଆବାହନ, ଶାଳା ପୂଜା, ଅଧିବାସ, କଳସ ଜଳ ସ୍ନାନ, ଯଜ୍ଞ, ହୋମ ଆଦି କରାଯାଇ ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି ହୋଇଛି। କାର୍ଯକ୍ରମରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଜିଲା ପରିଷଦ ସଭାପତି ଜି.ତିରୁପତି ରାଓ, ତିରୁପତି ପାଣିଗ୍ରାହୀ, ବ୍ଲକ ଅଧକ୍ଷା ବାଲା ସାଇଆମ୍ମା ପ୍ରମୁଖ ଯୋଗ ଦେଇଥିଲେ। ସମିତିସଭ୍ୟ ଜଗନ୍ନାଥ ଦୋରା, ନାଏବ ସରପଞ୍ଚ ରକମ ସତୀସ, କୃଷ୍ଣଚନ୍ଦ୍ର ଦୋରା, ବ୍ରଜ ନାୟକ ପ୍ରମୁଖ ପ୍ରତିଷ୍ଠା ଉତ୍ସବ ପରିଚାଳନା କରିଥିଲେ।

## ଚିତ୍ରଶିଳ୍ପୀ ଦୁର୍ଗାଚରଣଙ୍କୁ ସମ୍ବର୍ଦ୍ଧନା

**ଛତ୍ରପୁର,୩।୬(ଡି.ଏନ୍.ଏ.):** ଛତ୍ରପୁରସ୍ଥ ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟ ପରିସରରେ ଏକ ସାରସ୍ୱତ ଚିନ୍ତନ ବୈଠକ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବାସିନ୍ଦା ବିଶିଷ୍ଟ ଚିତ୍ରଶିଳ୍ପୀ ଦୁର୍ଗାଚରଣ ପଣ୍ଡା ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡିଶା ଲଳିତ କଳା ଏକାଡେମୀ ପକ୍ଷରୁ ମାନପତ୍ର, ଉପଢୌକନ ଓ ପଦକ ସହ ସମ୍ବର୍ଦ୍ଧିତ ହୋଇଛନ୍ତି। ଛତ୍ରପୁରର ବିଭିନ୍ନ ସାରସ୍ୱତ ସଂଗଠନ କର୍ମକର୍ତ୍ତା, ବିଶିଷ୍ଟ ବ୍ୟକ୍ତି ଏବଂ ବୁଦ୍ଧିଜୀବୀ ଓ ସାଧାରଣ ନାଗରିକଙ୍କ ତରଫରୁ ତାଙ୍କ ଗାରିମା ଏବଂ ସାମାଜିକ ଅବଦାନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପରେ ତାଙ୍କ ଦୀର୍ଘାୟୁ କାମନା କରାଯାଇଥିଲା। ପ୍ରାରମ୍ଭରେ ବରିଷ୍ଠ ଶିକ୍ଷାବିତ ଲକ୍ଷ୍ମଣ ପଣ୍ଡା ଦୁର୍ଗାଚରଣଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପାଠ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଗ୍ରନ୍ଥାଗାରିକ ଅମୀୟ କୁମାର ଧଳ, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଅଧ୍ୟାପକ ଡ଼ଃ.ଭି.ରାଜେନ୍ଦ୍ର ରାଜୁ, ବରିଷ୍ଠ ଶିକ୍ଷାବିତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଅଜିତ ସେଠୀ, କବି ସୋମନାଥ ସାହୁ, କୃତୀବାସ ପାଣିଗ୍ରାହୀ, କବି ଡ଼.ପ୍ରଶାନ୍ତ ଶତପଥୀ, ରବିନ୍ଦ୍ର ନାଥ ପଣ୍ଡା ପ୍ରମୁଖ ତାଙ୍କର ମହତ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଛତ୍ରପୁର ସାହିତ୍ୟ ସଂସଦର ସମ୍ପାଦକ ଦିଲୀପ ପଲେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଉପସଭାପତି କେ.ସତ୍ୟନାରାୟଣ ରେଡ୍ଡୀ ଧନ୍ୟବାଦ ଦେଇଥିଲେ। ସାମାଜିକ କର୍ମୀ କାମାକ୍ଷା ପ୍ରସାଦ ପଣ୍ଡା ସହଯୋଗ କରିଥିଲେ ।

# ରୋଗୀ ସେବାରେ ଅବ୍ୟବସ୍ଥା

**ବୁଗୁଡ଼ା ମେଡିକାଲ**

**ବୁଗୁଡ଼ା,୩।୬(ଡି.ଏନ.ଏ.)**


ଭାଙ୍ଗି ପଡିଛି ପୁରୁଣା କୋଠା ।

ଗାଁ ଗାଁରେ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ନିରାମୟ ଯୋଜନାରେ ମାଗଣା ଔଷଧ ସାଙ୍ଗକୁ ନିଦାନ ଯୋଜନାରେ ମାଗଣା ପରୀକ୍ଷା ଓ ଗରୀବଙ୍କୁ ବିଭିନ୍ନ ମେଡିକାଲରେ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ହେଲେ ଅଧିକାଂଶ ମେଡିକାଲରେ ଡାକ୍ତର ନଥିବା ବେଳେ ରୋଗ ପରୀକ୍ଷା ପାଇଁ ଆବଶ୍ୟକ ଯନ୍ତ୍ରାଂଶ ଓ ଟେକନିଶିଆନ ନଥିବାରୁ ସରକାରଙ୍କ ସବୁ ଯୋଜନା ଯେମିତି ପ୍ରହଶନ ପାଲଟିଛି। ଏହାର ନଗ୍ନ ଉଦାହରଣ ସାଜିଛି ବୁଗୁଡ଼ା ମେଡିକାଲ। ଏଠି ନାଁ ଅଛନ୍ତି ଆବଶ୍ୟକ ଡାକ୍ତର ନା ଅଛି ବିଲଡିଂ। ଯେଉଁ ପୁରୁଣା ବିଲଡିଂ ଥିଲା ତାକୁ ପୁନଃ ଉଦ୍ଧାର ନାଁରେ ଭାଙ୍ଗି ଦିଆଯାଇଛି। କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି କୋଠା କାମ କଚ୍ଛପ ଗତିରେ ଚାଲିଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ବର୍ତ୍ତମାନ ସୁଦ୍ଧା ନିଅଣ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବାରୁ ଆଗାମୀ ଜୁଲାଇ ମାସ ସୁଦ୍ଧା ଏହି କାମ କେମିତି ସରିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବୁଗୁଡ଼ା ଓ ଜଗନ୍ନାଥପ୍ରସାଦ ବ୍ଲକର ଲକ୍ଷାଧିକ ଲୋକ ନିର୍ଭର କରୁଛନ୍ତି। ହେଲେ ବିଲଡିଂ ଅଭାବରୁ ଗୋଟିଏ ଛୋଟ କୋଠରୀରେ ପ୍ରତିଦିନ ରୋଗୀ ଚିକିତ୍ସା ପାଇଁ ଜଣେ ମାତ୍ର ଡାକ୍ତର ବସୁଛନ୍ତି। ଫଳରେ ଆଉଟଡୋର ରୋଗୀ ମାନେ ଡାକ୍ତରଙ୍କୁ ଦେଖା କରିବାକୁ ଘଣ୍ଟା ଘଣ୍ଟା ଧରି ଖରା ଗରମରେ ସିଝୁଥିବା ବେଳେ ଗ୍ୟାରେଜ ଭିତରେ ଇଣ୍ଡୋର ରୋଗୀ କଲ ବଲ ହେଉଛନ୍ତି। ସେପଟେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ମଧ୍ୟ ନାହାନ୍ତି। ଏଠି ମେଡ଼ିସିନ ବିଶେଷଜ୍ଞ, ଶଲ୍ୟ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞଙ୍କ ସମେତ ଗୋଟିଏ ଏମ୍‌ବିବିଏସ୍ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ କେହି ମେଡିକାଲ ଇନଚାର୍ଜ ନଥିବାରୁ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସୁଭାଶିଷ ପାଣିଗ୍ରାହୀଙ୍କୁ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ପଡୁଛି। ମେଡିକାଲକୁ ଆସୁଥିବା ରୋଗୀଙ୍କୁ ମାଗଣା ପରୀକ୍ଷା କରିବା ପାଇଁ 'ନିଦାନ' ଯୋଜନା କାର୍ଯ୍ୟକାରୀ ହେଉଛି ହେଲେ ରୋଗୀଙ୍କ ବିଭିନ୍ନ ପରୀକ୍ଷା ପାଇଁ ନା ଅଛି ମେଶିନ ନା ଅଛନ୍ତି ଟେକନିସିଆନ। ଏକ୍ସରେ ମେସିନ ଓ ଅଟୋ ଆନାଲାଇଜର ମେସିନ ନଥିବା ବେଳେ ଲାବ ଟେକନିସିଆନ ଓ ରେଡ଼ିଓଗ୍ରାଫର ପଦବୀରେ କେହି ନାହାନ୍ତି। ଫଳରେ ଘରୋଇ ନିଦାନ କେନ୍ଦ୍ର ଉପରେ ରୋଗୀ ମାନେ ନିର୍ଭର କରିବାକୁ ବାଧ ହେବା ସହ ଅଯଥା ଖର୍ଚ୍ଚାନ୍ତ ମଧ୍ୟ ହେଉଛନ୍ତି। ବର୍ତ୍ତମାନ ୧୬ ଶଯ୍ୟା ଥିବା ଏହି ମେଡିକାଲର ନୂତନ କୋଠା ନିର୍ମାଣ ହେଲେ ୨୫ ଶଯ୍ୟାକୁ ବୃଦ୍ଧି ପାଇବ। ହେଲେ ଡାକ୍ତର ଅଭାବ ସାଙ୍ଗକୁ ଆବଶ୍ୟକ ଯନ୍ତ୍ରାଂଶ ଓ କର୍ମଚାରୀ ନଥିବାରୁ ରୋଗୀ ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି ଏବଂ ସାମାନ୍ୟ ରୋଗ ଓ ଦୁର୍ଘଟଣାରେ ଆହତଙ୍କୁ ବ୍ରହ୍ମପୁର ରେଫେର କରାଯାଉଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସ୍ୱାସ୍ଥ୍ୟ ସମ୍ପର୍କିତ ଯୋଜନା ଗୁଡିକ ପ୍ରକୃତ ଭାବେ ସଚେତନ କରାନଯାଇ କେବଳ କାଗଜପତ୍ରରେ କରାଯାଉଥିବା ନେଇ ବୁଦ୍ଧିଜୀବୀ ମହଲରୁ ବେଶ୍ ଅଭିଯୋଗ ହେଉଛି। ତେଣୁ ଏହାର ପ୍ରତିକାର ସମ୍ପର୍କରେ ବିଭାଗୀୟ ଅଧିକାରୀ ଧ୍ୟାନ ଦେବା ସହ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ବୁଗୁଡ଼ା ମେଡିକାଲ କୋଠା କାର୍ଯ୍ୟ ଶେଷ କରିବା ସହ ଖାଲି ପଡ଼ିଥିବା ଡାକ୍ତର ଓ ଟେକନିସିଆନ ପଦବୀ ପୂରଣ ଏବଂ ଆବଶ୍ୟକ ଯନ୍ତ୍ରାଂଶ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

## ଯୁବକଙ୍କୁ ଅପହରଣ ଘଟଣାର ଷଡ଼ଯନ୍ତ୍ରକାରୀ ଗିରଫ

**ବୁଗୁଡ଼ା,୩।୬(ଡି.ଏନ.ଏ)**

ବୁଗୁଡ଼ା ବଡ଼ଦାଣ୍ଡ ସାହିର ପପୁ ସାହୁଙ୍କୁ କାର୍ ସହ ଅପହରଣ ଘଟଣାରେ ସମ୍ପୃକ୍ତ ଷଡଯନ୍ତ୍ରକାରୀକୁ ସ୍ଥାନୀୟ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଷଡଯନ୍ତ୍ରକାରୀ ହେଲେ ବୁଗୁଡ଼ା ନେଳିଆ ବନ୍ଧ ସାହିର ସୀମାଞ୍ଚଳ ବେହେରା। ପପୁଙ୍କ ଅଭିଯୋଗ ପ୍ରକାରେ ବୁଗୁଡା ଥାନାରେ ନଂ. ୧୦୬/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ଗତ ଫେବୃୟାରୀ ୧୩ ରାତିରେ ସୀମାଞ୍ଚଳର ଷଡଯନ୍ତ୍ର ପ୍ରକାରେ, ଚମାଖଣ୍ଡି ଗ୍ରାମର ବି.ଦେବରାଜ ରେଡ୍ଡୀ ଓ ଅନ୍ୟ ଦୁଇ ଜଣ ମିଶି ପପୁର କାର (ନଂ-ଓଡି ୦୨ ବିଟି ୧୦୫୮)କୁ ଭଡା ବାହାନାରେ ନେଇ ପାଟପୁର ନିକଟସ୍ଥ ଏକ ଜଙ୍ଗଲିଆ ରାସ୍ତାରେ ରଖିବାକୁ କହିଥିଲେ। ପପୁ ଗାଡି ରଖିବା ପରେ ତାଙ୍କୁ ନିସ୍ତୁକ ମାଡ ମାରି ସେ ପିନ୍ଧିଥିବା ସୁନା ଚେନ ଓ ମୁଦି, ରୁପା ବ୍ରେସଲେଟ ଏବଂ ୩ ହଜାର ଟଙ୍କା ଛଡାଇ ନେବା ସହ ଦେଢ ଲକ୍ଷ ଟଙ୍କା ଦାବି କରି ଧମକ ଚମକ କଦେଇଥିଲେ।

# 'ମୁଁ ଶ୍ରୀକ୍ଷେତ୍ର ମାଟିର ଝିଅ' ଲୋକାର୍ପିତ


ମୁଁ ଶ୍ରୀକ୍ଷେତ୍ର ମାଟିର ଝିଅ ଭଜନକୁ ଉନ୍ମୋଚନ କରାଯାଉଛି ।

**ନୟାଗଡ଼ ଅଫିସ,୩।୬**

ନୟାଗଡ଼ ଜିଲାର ଯୁବ କଣ୍ଠଶିଳ୍ପୀ ଆଦ୍ୟା ଆଲିଶା ଦାଶଙ୍କ କଣ୍ଠଦାନରେ ମୁକ୍ତିଲାଭ କରିଛି ଶ୍ରୀଜଗନ୍ନାଥ ଭଜନ 'ମୁଁ ଶ୍ରୀକ୍ଷେତ୍ର ମାଟିର ଝିଅ' । ନୟାଗଡ଼ ପୁରୁଣା ସହରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ଏହି ଭଜନ ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥିଭାବେ ନୟାଗଡ଼ ମ୍ୟୁନିସିପାଲିଟି ଅଧକ୍ଷା ନିରୂପମା ଖଟେଇ,ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଖବରଦାତା ଶ୍ରୀକାନ୍ତ ଖଟେଇ ପ୍ରମୁଖ ଯୋଗଦେଇ ଭଜନ ଉନ୍ମୋଚନ ଏବଂ ଲୋକାର୍ପଣ କରିଥିଲେ । ଏହି ଅବସରରେ ଭଜନକୁ ରଚନା କରିଥିବା ବେତାର ଓ ଦୂରଦର୍ଶନ ଗୀତିକାର ବିରଞ୍ଚିନାରାୟଣ ତ୍ରିପାଠି,କଣ୍ଠଶିଳ୍ପୀ ପ୍ରଶାନ୍ତ ଦାଶ,ପରମ୍ପରା ସମ୍ପାଦକ ନିର୍ମଳ ଚନ୍ଦ୍ର ଶୂରଦେଓ,ଜିଲା ଲେଖକ ପରିଷଦ ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର ଏବଂ ସମ୍ପାଦକ ଶେଖ ଅବଦୁଲ ଖାଲିକ,ବ୍ୟଙ୍ଗକାର ରବିନ୍ଦ୍ର ରାଉତ,କାଉନସିଲର ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖଙ୍କ ସହିତ ନିଜେ କଣ୍ଠଶିଳ୍ପୀ ଆଦ୍ୟା ଆଲିଶା ଉପସ୍ଥିତ ଥିଲେ । ଇଣ୍ଡିଆନ ମ୍ୟୁଜିକ କ୍ରିଏସନ ଦ୍ୱାରା ପ୍ରଯୋଜିତ ଏହି ଭଜନରେ ସଙ୍ଗୀତ ପରିଚାଳନା ଅଶୋକ କୁମାର ସାହୁ କରିଥିବା ବେଳେ ଗୀତ ରଚନା ବିରଞ୍ଚିନାରାୟଣ ତ୍ରିପାଠୀ ଏବଂ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରଶାନ୍ତ କୁମାର ଦାଶ ରହିଛନ୍ତି । ପ୍ରଶାନ୍ତ କୁମାର ଦାଶଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଉପଲବ୍ଧ ଏହି ଲୋକପ୍ରିୟ ଭଜନଗୁଡ଼ିକ ବେଶ ଶ୍ରୁତିମଧୁର ହୋଇଥିବା ବେଳେ ଏହା ସାଧାରଣରେ ବେଶ ଜନାଦୃତି ହୋଇପାରିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

## ଘର ଛାଡିବାକୁ ବନ୍ଧୁକ ଦେଖାଇ ମହିଳାଙ୍କୁ ଧମକ

**ବ୍ରହ୍ମପୁର ଅଫିସ,୩।୬**

ଜଣେ ଅସହାୟା ମହିଳାଙ୍କୁ ଘର ଛାଡିବାକୁ ବନ୍ଧୁକ ଦେଖାଇ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ବଡବଜାର ଥାନା ପୋଲିସ ନଂ.୧୨୯/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜରୁ ପୋଲିସ ତଥ୍ୟ ସଂଗ୍ରହ କରିଛି। ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ହନୁମାନ ନଗରରେ ରହୁଥିବା ମିରା ସାହୁଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିସାରିଛି। ତାଙ୍କ ଘରକୁ ଯାଇ କେତେଜଣ ଅସାମାଜିକ ଯୁବକ ଯାଇ ତାଙ୍କୁ ବନ୍ଧୁକ ଦେଖାଇ ପରିବାର ସହ ଘରୁ ବାହାରି ଯିବାକୁ ଧମକ ଦେଇଥିଲେ। ସେହିପରି ନିକଟରେ ତାଙ୍କ ନାମରେ ଥିବା ଏକ ଜମିକୁ ମଧ୍ୟ ହସ୍ତାନ୍ତର କରି ଦେବାକୁ ମଧ୍ୟ କହିଥିଲେ। ଭୟଭୀତ ହୋଇ ମୀରା ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ବଡବଜାର ଥାନାରେ ଅଭିଯୋଗ କରିଛନ୍ତି।

## ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ।

**ଆସିକା,୩।୬(ଡିଏନ.ଏ)**

କେନ୍ଦ୍ରର ମୋଦି ସରକାରଙ୍କ ଗତ ୮ ବର୍ଷରେ ଦିଆଯାଇଥିବା ଜନସାଧାରଣଙ୍କୁ ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ନିରନ୍ତର ଯାତ୍ରା ସମ୍ପର୍କରେ ଘୁମୁସର ଜିଲା ଭାଜପା ପକ୍ଷରୁ ଆଲୋଚନା କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ କନ୍ୟକା ପରମେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକ ମୋଦି ସରକାରର ବିଭିନ୍ନ ଜନାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସବକା ସାଥ ସବକା ବିଶ୍ୱାସ ଏବଂ ସବକା ପ୍ରୟାସ ମନ୍ତ୍ର ସହ ରାଷ୍ଟ୍ର ସେବା ହିଁ ମୁଳ ଲକ୍ଷ୍ୟ ଚିନ୍ତାଧାରା ଆଜି ଗ୍ରାମାଞ୍ଚଳର ଗରିବ, କୃଷକ, ଦଳିତ, ପିଡିତ, ପଛୁଆବର୍ଗ ଯୁବକ ଓ ମହିଳାଙ୍କ ସାମଗ୍ରୀକ କ୍ଷେତ୍ରରେ ବିକାଶ ଲାଗି ଦୃଢ ପଦକ୍ଷେପ ନିଆଯାଇଛି । ଆତଙ୍କବାଦ ଓ ଭ୍ରଷ୍ଟାଚାର ବିରୋଧରେ ଜିରୋ ଟୋଲରେନ୍ସ ନୀତି ସହ କଲ୍ୟାଣକାରୀ ଅର୍ଥ ବ୍ୟବସ୍ଥାର ଉନ୍ନତି ଘଟିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛଭାରତ ଯୋଜନା, ଉଜ୍ଜ୍ୱଳା ଯୋଜନା, ଗରିବ କଲ୍ୟାଣ ଅନ୍ନ ଯୋଜନା, କିଷାନ ସମ୍ମାନନିଧି ଯୋଜନା, ଫସଲ ବୀମା ଯୋଜନା, ଆୟୁଷ୍ମାନ ଯୋଜନା, କୃଷକ ଓ ଶ୍ରମିକଙ୍କୁ ପେନସନ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ମାଧ୍ୟମରେ ଜନସାଧାରଣ ବିଶେଷ ଉପକୃତ ହେଉଛନ୍ତି। ତେବେ ରାଜ୍ୟ ସରକାର ଏଥିରୁ ବହୁ ଯୋଜନାରେ କେନ୍ଦ୍ରକୁ ସହଯୋଗ କରୁନଥିବାରୁ ରାଜ୍ୟର ଜନସାଧାରଣ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ରୀୟ ଯୋଜନାରେ ରାଜ୍ୟ ସରକାର ବାହାବା ନେବା ଲାଗି ରାଜ୍ୟର ମୋହର ମାରୁଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଥିଲା।

# ନିରୀହଙ୍କୁ ଗିରଫ ନେଇ ଥାନାରେ ଗ୍ରାମବାସୀଙ୍କ ପ୍ରତିବାଦ

**ଜି.ଉଦୟଗିରି,୩।୬(ଡି.ଏନ୍.ଏ.)**



ଗ୍ରାମବାସୀଙ୍କ ପ୍ରତିବାଦ।

ପୁରୁଣା ୱାରେଣ୍ଟ ବଳରେ ନିରୀହ ବ୍ୟକ୍ତିଙ୍କୁ ଗିରଫ ଏବଂ କୋର୍ଟଚାଲାଣ ପ୍ରତିବାଦରେ ଜି.ଉଦୟଗିରି ଥାନାରେ ରୁଦାଙ୍ଗିଆବାସୀ ତୀବ୍ର ପ୍ରତିବାଦ କରିଛନ୍ତି। ସଞ୍ଜୀବ ପ୍ରଧାନଙ୍କ ନାଁରେ ୱାରେଣ୍ଟ ଥିବା ବେଳେ ପୋଲିସ ରୁଦାଙ୍ଗିଆ ଗ୍ରାମର ପ୍ରଭୁରଶ୍ମି ପ୍ରଧାନ ନାମକ ଜଣେ ନିରୀହ ବ୍ୟକ୍ତିଙ୍କୁ ଗିରଫ କରିଛି ବୋଲି ସେମାନେ କହିଛନ୍ତି। ଗ୍ରାମବାସୀଙ୍କ ସହ ଜିଲା ପରିଷଦ ଉପାଧକ୍ଷା ସାଧବାଣୀ ନାୟକ, ଗଦଗୁଡା ସରପଞ୍ଚ ପୁଷ୍ପଲତା ପ୍ରଧାନ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଥାନାରେ ପହଞ୍ଚି ପୋଲିସର ଏପରି ପଦକ୍ଷେପକୁ ବିରୋଧ କରିଥିଲେ। ଜି.ଉଦୟଗିରି ପୋଲିସ ୨୦୦୮ର ଜିଆର୍ କେସ୍ ନମ୍ବର ୩୫୬ (ଏଫ୍)ର ଏକ ପୁରୁଣା କେସ୍‌ରେ ପ୍ରଭୁରଶ୍ମି ପ୍ରଧାନଙ୍କୁ ଗତ ୨୮ରେ କୋର୍ଟ ଚାଲାଣ କରିଛି। ସଞ୍ଜୀବଙ୍କ ନାମରେ ୱାରେଣ୍ଟ ଥିବା ବେଳେ ପ୍ରଭୁରଶ୍ମିଙ୍କୁ କିପରି ଗିରଫ କରାଗଲା ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଜି.ଉଦୟଗିରି ପୋଲିସ ଯିଏ ସଞ୍ଜୀବ ସେ ହିଁ ପ୍ରଭୁରଶ୍ମି ବୋଲି ସଫେଇ ଦେଉଛି। ତେଣୁ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଆଲୋଚନା ହେଉଛି। ପୋଲିସ ଯଦି ଭୁଲ୍‌ରେ ଏପରି ଗିରଫ କରିଥାଏ ତା'ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଗ୍ରାମବାସୀ କହିବା ସହ ଶୀଘ୍ର ପ୍ରଭୁରଶ୍ମିଙ୍କୁ ଖଲାସ ପାଇଁ ଦାବି କରିଛନ୍ତି।

## ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭାର ସ୍ୱତନ୍ତ୍ର ବୈଠକ

**ନୂଆଗଡ଼,୩।୬**

ନୂଆଗଡ଼ ବ୍ଲକ ଅନ୍ତର୍ଗତ ଖଜୁରିପଦା ପଞ୍ଚାୟତ ଅଧୀନ କିଣ୍ଡୁଆର ଗ୍ରାମ ଠାରେ ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ତରଫରୁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସିପିଆଇ (ଏମଏଲ) ଲିବରେସନର ସଭାପତି ତ୍ରିପତି ଗମାଙ୍ଗ, ରାଜ୍ୟ କମିଟି ସଭ୍ୟ ଭରତ ଶବର, ସରପଞ୍ଚ ସରମନ ଚନ୍ଦ୍ର ମଣ୍ଡଳ ସମେତ ସଦସ୍ୟ ସିଲବାନ ମଣ୍ଡଳ, ଜୀବନ ଗମାଙ୍ଗ ଓ ସଞ୍ଜନ ମଣ୍ଡଳ ଉପସ୍ଥିତ ଥିଲେ। ଏହି ବୈଠକରେ ଚଳିତ ଜୁନ ୬ରେ କୃଷକମାନଙ୍କ ତରଫରୁ ଦେଶବ୍ୟାପୀ ପ୍ରତିବାଦ, ସେହି ମାସ ୧୭ରେ ତାବରଡା ଗ୍ରାମରେ ବ୍ଲକ ସମ୍ମିଳନୀ ଅନୁଷ୍ଠିତ କରାଯିବା ଭଳି ଅନେକ ବିଷୟରେ ଆଲୋଚନା କରି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଅଞ୍ଚଳର ଶତାଧିକ ଆଦିବାସୀ ଉକ୍ତ ବୈଠକରେ ଉପସ୍ଥିତ ଥିଲେ। ବୈଠକକୁ ସଭାପତି ନରସିଂହ ମଣ୍ଡଳ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲ୍ୟବିବାହ ରୋକିଲା ପ୍ରଶାସନ

**ପାରଳାଖେମୁଣ୍ଡି,୩।୬(ଡି.ଏନ୍.ଏ.)**

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗୁମ୍ମା ଗ୍ରାମରେ ଆଗାମୀ ଦିନରେ ହେବାକୁ ଥିବା ଏକ ବାଲ୍ୟବିବାହକୁ ଜିଲା ପ୍ରଶାସନ ବନ୍ଦ କରିଛି। ବାଲ୍ୟ ବିବାହ ସମ୍ପର୍କରେ ଗୁମ୍ମା ବାଲ୍ୟ ବିବାହ ନିଷେଧ ଅଧିକାରିଣୀ ଅନିତା ରାଣୀ ପଟ୍ଟନାୟକ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଟାସ୍କଫୋର୍ସରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଏହା ପରେ ଏକ ଟିମ ଗଠନ କରାଯାଇଥିଲା। ଉକ୍ତ ଟିମରେ ଆଇସିଡିଏସ ସୁପରଭାଇଜର ସୁଲିଳା ଅଧିକାରୀ, ଗୁମ୍ମା ଥାନାଧିକାରୀ ଜୟପ୍ରକାଶ ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ପରିବେଷଣ ଅଧିକାରୀ ଜୟପ୍ରକାଶ ବାଡ଼ତ୍ୟା, ସଖୀ ୱାନ ଷ୍ଟପ୍ ସେଣ୍ଟରର କେସ୍ ୱାର୍କର ସୁଶ୍ରୀ ସୁନିତା ବେହେରା, ଆକ୍ସନ ଏଡ଼୍ର ଜିଲା ପ୍ରତିନିଧି ବିକାଶ, ଚାଇଲ୍ଡ ଲାଇନ ସଦସ୍ୟ ଜିକରିୟ ରଇତ ଏବଂ ଅଙ୍ଗନବାଡି କର୍ମୀ ନିରୂପମା ପାଣିଗ୍ରାହୀ ପ୍ରମୁଖ ଗ୍ରାମରେ ପହଞ୍ଚିଥିଲେ। ଝିଅର ଜନ୍ମ ପ୍ରମାଣ ପତ୍ର ଯାଞ୍ଚ କରି ଅଭିଭାବକଙ୍କୁ ବାଲ୍ୟ ବିବାହ କୁପ୍ରଭାବ ବିଷୟରେ ବୁଝାଇଥିଲେ। ଝିଅକୁ ୧୮ ବର୍ଷ ପୂରଣ ନ ହେବା ଯାଏ ବିବାହ ଦେବେ ନାହିଁ ଏବଂ ଯଦି ଏଥିରେ ଖିଲାପ କରିବେ ତେବେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଅଭିଭାବକ ଗ୍ରାମବାସୀଙ୍କ ଉପସ୍ଥିତିରେ ଲିଖିତ ଭାବେ ଜଣାଇଛନ୍ତି। ଅନ୍ୟପକ୍ଷରେ ଝିଅକୁ ୧୮ ବର୍ଷ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ବାଲ୍ୟ ବିବାହ ନିରୋଧ ଟାସ୍କଫୋର୍ସ ଦ୍ୱାରା ନିୟମିତ ପରାମର୍ଶ ସହ ଥଇଥାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

# ବିଶ୍ୱ ସାଇକେଲ ଦିବସ

**ପାରଳାଖେମୁଣ୍ଡି,୩।୬(ଡି.ଏନ୍.ଏ.)**

ଗଜପତି ଜିଲା ନେହେରୁ ଯୁବ କେନ୍ଦ୍ର ତରଫରୁ ଶୁକ୍ରବାର ପାରଳାଖେମୁଣ୍ଡି ଠାରେ ବିଶ୍ୱ ସାଇକେଲ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଜିଲାପାଳ ଜୁବୁଲି ଚରଣ ବେହେରା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁସ୍ଥ ରହିବାକୁ ହେଲେ ବ୍ୟାୟାମ, ଦୌଡ, ଖେଳକୁଦ ଛଡା ସାଇକେଲ ଚାଳନା କରିବା ଆବଶ୍ୟକ। ସାଇକେଲ ବ୍ୟବହାର ଦ୍ୱାରା ସୁସ୍ଥ ପରିବେଶ ସୃଷ୍ଟି ହେବ ବୋଲି କହିଥିଲେ। ଏହି ଅବସରରେ ସାଇକେଲ ସଚେତନତା ବାର୍ତ୍ତାକୁ ନେଇ ଏକ ରାଲି ବାହାରି ସହର ପରିକ୍ରମା କରିଥିଲା। ରାଲିରେ ସ୍କୁଲର ଛାତ୍ରଛାତ୍ରୀଙ୍କ ସମେତ ଏନୱାଇକେର ସଦସ୍ୟ ମାନେ ଯୋଗଦେଇ ଥିଲେ। ସମସ୍ତ କାର୍ଯ୍ୟକ୍ରମ ଜିଲା ନେହେରୁ ଯୁବ କେନ୍ଦ୍ରର ଯୁବ ଅଧିକାରୀ ବିଜୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ସ୍ୱେଚ୍ଛାସେବୀ ବି.ଭବାନୀ ପ୍ରସାଦ, ଏ.ମହେଶ୍ୱର ରାଓ ପ୍ରମୁଖଙ୍କ ସହ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ସମସ୍ୟା ନେଇ ନବନିର୍ବାଚିତ ପ୍ରତିନିଧିଙ୍କ ଆଲୋଚନାଚକ୍ର

**ଦାରିଙ୍ଗବାଡ଼ି,୩।୬(ଡି.ଏନ୍.ଏ.)**


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଲୋକପ୍ରତିନିଧି ।

ଦାରିଙ୍ଗବାଡ଼ି ଜାଗୃତି ସଭାଗୃହଠାରେ ଗୁରୁବାର ସରପଞ୍ଚମାନଙ୍କୁ ନେଇ ବ୍ଲକରେ ରହିଥିବା ସ୍ୱାସ୍ଥ୍ୟ ଏବଂ ସାମାଜିକ ସମସ୍ୟାର ସମାଧାନ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅନ୍ତର୍ଗତ ୨୫ ପଞ୍ଚାୟତର ଅନେକ ଗ୍ରାମ ଅପହଞ୍ଚ ଇଲାକାରେ ରହିଥିବା ବେଳେ ଅପପୁଷ୍ଟି, ଶିଶୁ ଓ ମାତୃ ମୃତ୍ୟୁ, ବାଲ୍ୟବିବାହ, ପ୍ରବାସୀ ଶ୍ରମିକ ସଂଖ୍ୟା ବୃଦ୍ଧି ଏବଂ ମାଇକ୍ରୋ ଫାଇନାନ୍ସ ଅନୁଷ୍ଠାନଗୁଡ଼ିକ ଦ୍ୱାରା ସାଧାରଣ ଗରିବ ଲୋକଙ୍କୁ ଶୋଷଣ ଆଦି ସମସ୍ୟାର ସମାଧାନ ଉପରେ ଆଲୋଚନା କରାଯାଇଥିଲା। ଆଲୋଚନାଚକ୍ରକୁ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ ପରିଚାଳନା କରିଥିଲେ। ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ସରପଞ୍ଚଙ୍କୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଅଞ୍ଜଳି ମହାପାତ୍ର ଅବଗତ କରାଇଥିଲେ। ସରପଞ୍ଚମାନଙ୍କ ସହଯୋଗ ରହିଲେ ସଫଳତାର ସହ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହୋଇପାରିବ ବୋଲି କହିଥିଲେ। ପଞ୍ଚାୟତ ଅଞ୍ଚଳକୁ ବାଲ୍ୟବିବାହମୁକ୍ତ କରିବା ଲାଗି ସଂକଳ୍ପ ନିଆଯାଇଥିଲା। ସେହିପରି ବ୍ଲକ ତଥା ଜିଲାରେ ପ୍ରବାସୀ ଶ୍ରମିକ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସେମାନଙ୍କ ସାମାଜିକ ସୁରକ୍ଷା ପ୍ରତି ମାଲିକମାନେ ଆଖି ବୁଜିଦେବା ଓ ଶ୍ରମିକଙ୍କ ମୃତ୍ୟୁ କିମ୍ବା ଅଙ୍ଗହାନି ହେଲେ ପରବର୍ତ୍ତୀ ସମୟରେ ଶ୍ରମିକଟି ଦୁର୍ଦ୍ଦିନରେ ଦିନ କାଟିବା ଆଦି ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯାଇଥିଲା। ପ୍ରତି ପଞ୍ଚାୟତରେ ଥିବା ଶ୍ରମିକ ପଞ୍ଜୀକରଣକୁ କଡ଼ାକଡ଼ି କରିବା, ଶ୍ରମିକମାନଙ୍କର ଜୀବନ ବୀମା ଓ ଶ୍ରମିକମାନେ କାମ କରୁଥିବା କମ୍ପାନୀଗୁଡ଼ିକ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ଚାପ ସୃଷ୍ଟି କରାଯିବାକୁ ଆଲୋଚନାଚକ୍ରରେ ନିଷ୍ପତ୍ତି ନିଆଯାଇଛି। ଜାଗୃତିର ପ୍ରକଳ୍ପ ସଂଯୋଜକ ଧନେଶ୍ୱର ସାହୁ ସମସ୍ତ ଉପସ୍ଥିତଙ୍କୁ ଧନ୍ୟବାଦ ଜଣାଇଥିଲେ। ବ୍ଲକ ଉପାଧକ୍ଷା ସସ୍ମିତା ପ୍ରଧାନ, ଗ୍ରାମ ବିକାଶର ପ୍ରକଳ୍ପ ସଂଯୋଜକ ଯୋଭିନଙ୍କ ସମେତ ଦାରିଙ୍ଗବାଡ଼ି, ସିଆଙ୍ଗବାଲି, ଦନେକବାଡ଼ି, ଭ୍ରମରବାଡ଼ି, ପର୍ଡ୍ଡମାହା, ଦାସିଂବାଡ଼ି, ହାତୀମୁଣ୍ଡା, ତାଜୁଙ୍ଗିଆ, ବାଡାବାଙ୍ଗା, କିରକୁଟି, ଡିଲେଶରୀ, ବୁଡାଗୁଡ଼ା, ଶ୍ରାମନିକେତା ଏବଂ ପ୍ଲିହେରୀ ଆଦି ପଞ୍ଚାୟତର ସରପଞ୍ଚମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

